ଆର୍‌ଏସ୍‌ପିର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜାନୁଆରୀ ୧୭ ଏବଂ ୧୮ ତାରିଖରେ ଜୁବୁଲି ପାର୍କରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନ କୃଷି ପ୍ରଦର୍ଶନୀ-୨୦୨୬ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମେଳାରେ ବିଭିନ୍ନ କିସମର ଫୁଲ, ପତ୍ର, ଫଳ, ପନିପରିବା, ଫୁଲ ବ୍ୟବସ୍ଥା, ଉଦ୍ୟାନ ବିନ୍ୟାସ ଆଦିବିଭିନ୍ନ ବର୍ଗରେ ୨୬୨ଟିପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖଣି ବିକାଶ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷ ସୁଶ୍ରୀ ରୀତା ରାଣୀ, ଟାଉନ୍ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଜୋଜୋ, ଦୀପିକା ମହିଳା ସଂହତିର ସମ୍ପାଦିକା ସାରିକା କୁମାରଙ୍କ ସହିତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ପରିଦର୍ଶକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି କଟ ଫ୍ଲାୱାର, ପଟ୍ ପ୍ଲାଣ୍ଟ, ଫଳ ଓ ପନିପରିବାର ସମସ୍ତ ବିଭାଗରେ ସର୍ବାଧିକ ପଏଣ୍ଟ ଲାଭ କରିଥିବା ସେକ୍ଟର-୬ ବି-୧୬୧ ନିବାସୀ ନୀଳମଣି ପରିଡାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ପଏଣ୍ଟ ହାସଲ କରି ସେକ୍ଟର-୬, ଏଚ୍-୪୧୭ ନିବାସୀ ନଟବର ରଣାଙ୍କୁ ଡ଼ିଆଇସି ରନର୍ସ ଅପ୍ ଟ୍ରଫି ସହ ୪ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉତ୍ସବରେ ଅତିଥିମାନେ ଗାର୍ଡନ୍ ଲେ ଆଉଟରେ ଅନ୍ୟ ସମସ୍ତ ବର୍ଗର ପୁରସ୍କାର ପ୍ରଦାନ କରିଥିଲେ। ନୀଳମଣି ପରିଡା କଟ୍ ଫ୍ଲାୱାର, ପଟ୍ ପ୍ଲାଣ୍ଟ ଓ ପନିପରିବାର ସମସ୍ତ ବିଭାଗରେ ସର୍ବୋଚ୍ଚ ଏଗ୍ରିଗେଟ୍ ପଏଣ୍ଟର ଟ୍ରଫି ଜିତିଥିଲେ । ସେ ମଧ ଶ୍ରେଷ୍ଠ ଚନ୍ଦ୍ର ମଲ୍ଲିକା ପାଇଁ ଟ୍ରଫି ଲାଭ କରିଥିଲେ। କୋଏଲ ନଗର ବି-୧୫୭ ନିବାସୀ ଆରତୀ ସ୍ୱାଇଁ ହାଇବ୍ରିଡ୍ ଟି ରୋଜ୍ ହେଡ୍‌ଲାଇନ୍‌ର ପ୍ରକାରର ଶ୍ରେଷ୍ଠ ନମୁନା ବ୍ଲୁମ୍ ପାଇଁ କିଙ୍ଗ୍ ଅଫ୍ ଦି ଶୋ ଏବଂ ଦ୍ୱିତୀୟ ଶ୍ରେଷ୍ଠ ନମୁନା ବ୍ଲୁମ୍ ଅଫ୍ ଦି ଶୋ ପାଇଁ କ୍ୱିନ୍ ଅଫ୍ ଦି ଶୋ ଉଭୟ ଟ୍ରଫି ହାସଲ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ବି. କେ ଯୋଜୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍ୟାନକୃଷି ବିଭାଗର ଜିଏମ୍ ଓ ଜେଡ୍‌ଡ଼ିପି ଇନ୍‌ଚାର୍ଜ ଡ. ଏ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ଡ଼ିଜିଏମ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଏହି ପ୍ରଦର୍ଶନୀରେ କଟ୍ ଫୁଲ, ପଟ୍ ପ୍ଲାଣ୍ଟ, ଫଳ, ପନିପରିବା, ବନସାଇ, ଡିନର ବାଉଲ୍ ବ୍ୟବସ୍ଥା, ସର୍ବୋତ୍ତମ ସଜାଯାଇଥିବା ଫୁଲ, ବଟନ୍ ହୋଲ୍, ଗୁଚ୍ଛ, ହାରଲାଣ୍ଡ (ଗୋଲାପ ବ୍ୟତୀତ) ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ୍ ଭଳି ବିଭିନ୍ନ ବର୍ଗରେ ୯୬୩ଟି ପ୍ରବେଶ ହୋଇଥିଲା। ଜୁବିଲି ପାର୍କରେ ପ୍ରଦର୍ଶିତ ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଓ ଫଳକୁ ବହୁ ଦର୍ଶକ ପ୍ରଶଂସା କରିଥିଲେ।

# ସନ୍ଧ୍ୟାରେ ଲୋକ ଉତ୍ସବ ପତାକା ଉତ୍ତୋଳନ

**ବଲାଙ୍ଗୀର, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଲୋକ ଉତ୍ସବ ଏବଂ ଓର୍‌ମାସ ପଲ୍ଲିଶ୍ରୀ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିମାନେ ସୋମବାର ସନ୍ଧ୍ୟାରେ କୋଶଳ କଳାମଣ୍ଡଳ ପଡିଆରେ ଲୋକ ଉତ୍ସବ ପତାକା ଉତ୍ତୋଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସକାଳେ ମଞ୍ଚ ପୂଜା ପରେ ପତାକା ଉତ୍ତୋଳନ ହୁଏ। ତେବେ ଚଳିତବର୍ଷ ପତାକା ଉତ୍ତୋଳନ ସନ୍ଧ୍ୟାରେ କରାଯାଇଥିବାରୁ ଏହାଠିକ୍ ନୁହେଁ ବୋଲି ବହୁ କଳାକାର କହିଛନ୍ତି।




# ଜିଲା ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

**ରାଉରକେଲା,୧୯।୧(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଛେଣ୍ଡସ୍ଥିତ ପାଠାଗାର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାହିତ୍ୟିକ ଗଗନ ବିହାରୀ ଧଳ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସାହିତ୍ୟରେ ବାସ୍ତବବାଦୀ ଚେତନା ଶୀର୍ଷକ ଆଲୋଚନା କରିବାକୁ ଯାଇ କହିଲେ, ସାଧାରଣ ଲୋକଙ୍କ ବାସ୍ତବ ସ୍ପନ୍ଦନକୁ ବୁଝି ତାକୁ କାଗଜ କଲମରେ ଚିତ୍ରିତ କରିବାକୁ ବାସ୍ତବବାଦୀ ସାହିତ୍ୟ କୁହାଯାଏ। ସେ ଫକୀର ମୋହନ ସେନାପତିଙ୍କ ଗଳ୍ପ ଉପନ୍ୟାସ ଠାରୁ ଆରମ୍ଭ କରି ସରଳା ଦେବୀଙ୍କ ବାସନ୍ତୀ ଉପନ୍ୟାସ, ଭଗବତୀ ପାଣିଗ୍ରାହୀଙ୍କ ଶୀକାର ଗଳ୍ପ, ଗୋପିନଥ ମହାନ୍ତିଙ୍କ ପରଜା ଉପନ୍ୟାସ, ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକଙ୍କ ଗଳ୍ପ ଉପନ୍ୟାସରେ ବାସ୍ତବବାଦୀ ଚେତନାର ରୂପରେଖ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। କବି ରାଜୀବ ପାଣି, ପରେଶ ବିଶ୍ୱାଳ, ସୁଶାନ୍ତ ନାୟକଙ୍କ କବିତାରେ ଥିବା ବାସ୍ତବତାର ଚିତ୍ରର ସେ ଉଦାହରଣ ଦେଇଥିଲେ। ସହରର ବରିଷ୍ଠ କବି ବଳରାମ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସାହିତ୍ୟ ଆମ ଚେତନାର ମୂଳ ଉତ୍ସ ଓ ସଂଘର୍ଷ ହିଁ ଜୀବନର ବାସ୍ତବତା। ପ୍ରତ୍ୟେକ କବି ବା ଲେଖକଙ୍କର ନିଜସ୍ୱ ଚେତନା ଓ ଦୃଷ୍ଟିଭଙ୍ଗୀ ରହିଛି, ତାହାହି ଆଜିର ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ପ୍ରାରମ୍ଭରେ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ଏବଂ କବି ଅର୍ଚ୍ଚନା ପାତ୍ର ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାଳ୍ପିକ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ। ପାଠାଗାର କାର୍ଯ୍ୟକାରୀ ସଭାପତି ବ୍ରଜ କିଶୋର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।




## ଜଲଦାରେ ସିଏସ୍‌ଆର କାର୍ଯ୍ୟକ୍ରମ ସମୀକ୍ଷା

**ରାଉରକେଲା,୧୯।୧ (ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଜଲଦା 'ସି' ବ୍ଲକ ପରିଦର୍ଶନ କରି ଉକ୍ତ ଅଞ୍ଚଳରେ ଚାଲୁଥିବା ସିଏସ୍‌ଆର ପଦକ୍ଷେପଗୁଡିକର ସମୀକ୍ଷା କରିଥିଲେ। ଏହି ପରିଦର୍ଶନରେ ତାଙ୍କ ସହିତ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନ୍‌ମୁନ୍ ମିତ୍ର, ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲିକ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜଲଦା ଗ୍ରାମ ପଞ୍ଚାୟତର ପ୍ରତିନିଧି ଇଗ୍ନେସ୍ ଖାଡିଆ ଏବଂ ଯତ୍ରୁ ଓରାମ ଡ଼ିଆଇସିଙ୍କୁ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଡିଆଇସି ପୁନର୍ବାସ କଲୋନୀର ବାସିନ୍ଦାମାନଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସୁବିଧାର ସମୀକ୍ଷା କରିଥିଲେ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବାରେ ଏହାର ପ୍ରଭାବକୁ ମୂଲ୍ୟାଙ୍କନ କରିଥିଲେ। ଡିଆଇସି ଉଷା ସିଲେଇ ଏବଂ ଗ୍ରାମ ଉତ୍‌ଥାନ ସହ ଜଲଦାରେ ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ ଅଧୀନରେ ପ୍ରତିଷ୍ଠିତ ତାଲିମ-କମ୍-ଉତ୍ପାଦନ କେନ୍ଦ୍ର (ଟିସିପିସି) ପରିଦର୍ଶନ କରିଥିଲେ। ସେ କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନଙ୍କ ସହିତ ଆଲୋଚନା କରିବା ସହିତ ଦକ୍ଷତା ବିକାଶ ଓ ଜୀବିକା ନିର୍ବାହରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।



# ‘ବଲାଙ୍ଗୀର ଜିଲ୍ଲାର ଲୋକକଳା ବିଶ୍ୱବନ୍ଦିତ’



ଲୋକଉତ୍ସବ ଉଦ୍‌ଘାଟନୀ ସଭାରେ ଅତିଥିମାନେ ସ୍ମରଣିକା ଓ ଚତୁରଙ୍ଗ ପତ୍ରିକା ଉନ୍ମୋଚନ କରୁଛନ୍ତି।

## ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟିତ

**ବଲାଙ୍ଗୀର, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲ୍ଲାର ଲୋକକଳା ଓ ଲୋକ ସଂସ୍କୃତି ବିଶ୍ୱବନ୍ଦିତ। ଏଥିପାଇଁ ବଲାଙ୍ଗୀର ଜିଲ୍ଲା ଚର୍ଚ୍ଚାରେ ରହିଆସିଛି ବୋଲି ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି କହିଛନ୍ତି। ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ୨୩ତମ ବଲାଙ୍ଗୀର ଲୋକ ଉତ୍ସବ ଏବଂ ଓର୍‌ମାସ୍ ପଲ୍ଲିଶ୍ରୀ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ପାଟଣେଶ୍ୱରୀ, ସମଲେଶ୍ୱରୀ, କୋଶଳେଶ୍ୱରୀ, ଗନ୍ଧମାର୍ଦ୍ଦନର ହରିଶଙ୍କର, ନୃସିଂହନାଥ, ରାଣୀପୁର ଝରିଆଲର ସୋମେଶ୍ୱର ଶିବ ମନ୍ଦିର, ୬୪ ଯୋଗିନୀ ପୀଠ, ସିନ୍ଧେକେଲାର ଦ୍ୱାରସେନୀ, ଟିଟିଲାଗଡ଼ର ଘଣ୍ଟାସେନୀ, ସଇଁତଳାର ଚଣ୍ଡୀ, ଗୁଡଭେଲାର ସିକେରପାଟ୍, ଦେଓଗାଁର ଭୀମଡୁଙ୍ଗୁରି, ଶୁଲିଆ ବୁଢ଼ା, ସୁର୍ଡାର କୋଶଳେଶ୍ୱର ପୀଠରୁ ଜିଲ୍ଲାର ପ୍ରାଚୀନ ଏବଂ ସମୃଦ୍ଧ ସଂସ୍କୃତିର ଝଲକ ମିଳେ। ଲୋକ ଉତ୍ସବ ଲୋକକଳା, ଲୋକ ସଂସ୍କୃତିର ମହାମିଳନ ସ୍ଥଳ ବୋଲି ସେ କହିଛନ୍ତି। ବଲାଙ୍ଗୀର ଜିଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗୌରବ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି ଯୋଗଦେଇ କହିଛନ୍ତି, ବଲାଙ୍ଗୀର ଲୋକକଳା ଓ ସଂସ୍କୃତି ମହାନ। ଲୋକଙ୍କ ସଚେତନତା ପାଇଁ ପୋଲିସ ପକ୍ଷରୁ ଏଠାରେ ସାଇବର ସଚେତନତା ଷ୍ଟଲ ଖୋଲାଯାଇଛି ବୋଲି ସେ କହିଛନ୍ତି। ସଭା ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଆୟୋଜକ କମିଟିର ଗୋପାଳ ପ୍ରଧାନ, ସଙ୍ଗୀତା ଦାଶ, ମହେନ୍ଦ୍ର ଦର୍ଜୀ ଓ ଅତିଥି କଳାକାର ମଞ୍ଚାସୀନ ଥିଲେ। ଏଥିରେ କବି ସନ୍ଦୀପ କୁମାର କୁଅଁର ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଲୋକ ଉତ୍ସବ ସ୍ମରଣିକା ଓ କୋଶଳ କଳାମଣ୍ଡଳର ମୁଖପତ୍ର ‘ଚତୁରଙ୍ଗ’ର ସଦ୍ୟତମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଉନ୍ମୋଚନବେଳେ ପତ୍ରିକା ସହସମ୍ପାଦକ ସନାତନ ଠାକୁର ଉପସ୍ଥିତ ଥିଲେ। ଗୋପାଳ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁଜରାଟର ସିଦ୍ଧି ଧମାଇ ନୃତ୍ୟ, ପଞ୍ଜାବର ଭାଙ୍ଗଡା ନୃତ୍ୟ, ଆସାମର ବରଦାଇ ଚିଖଲି, ପୁରୀର ଗୋଟିପୁଅ ନୃତ୍ୟ, ସୁବର୍ଣ୍ଣପୁରର ବଜନିଆ ନୃତ୍ୟ ସହ ବଲାଙ୍ଗୀର ଜିଲ୍ଲାର ସାଂସ୍କୃତିକ ଏବଂ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସକାଳୁ କୋଶଳ କଳାମଣ୍ଡଳରେ ମଞ୍ଚ ପୂଜା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ କର୍ତ୍ତା ଭାବେ ବସିଥିଲେ। ଏହାପରେସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ବହୁ ସାଂସ୍କୃତିକ ଦଳ ଏବଂ କଳାକାର ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ମିଶ୍ର, ଆୟୋଜକ କମିଟିର ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା, ବିଧୁଭୂଷଣ ତ୍ରିପାଠୀ, ଅଶୋକ ରାଉତ, ଲଳିତ ମିଶ୍ର, ବିକାଶ ସା, ବିନୋଦ କାଲସାଲ, ପ୍ରଶାନ୍ତ ମହାକୁର, ଜୟକୃଷ୍ଣ ମିଶ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ।




ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସନ୍ଧ୍ୟାରେ ଲୋକ ଉତ୍ସବ ପତାକା ଉତ୍ତୋଳନ

**ବଲାଙ୍ଗୀର, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଲୋକ ଉତ୍ସବ ଏବଂ ଓର୍‌ମାସ ପଲ୍ଲିଶ୍ରୀ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିମାନେ ସୋମବାର ସନ୍ଧ୍ୟାରେ କୋଶଳ କଳାମଣ୍ଡଳ ପଡିଆରେ ଲୋକ ଉତ୍ସବ ପତାକା ଉତ୍ତୋଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସକାଳେ ମଞ୍ଚ ପୂଜା ପରେ ପତାକା ଉତ୍ତୋଳନ ହୁଏ। ତେବେ ଚଳିତବର୍ଷ ପତାକା ଉତ୍ତୋଳନ ସନ୍ଧ୍ୟାରେ କରାଯାଇଥିବାରୁ ଏହାଠିକ୍ ନୁହେଁ ବୋଲି ବହୁ କଳାକାର କହିଛନ୍ତି।




# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ମକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗର ଶୁଣାଣି କରାଯାଉଛି।

**ଦେଓଗାଁ, ୧୯।୧ (କୃଷ୍ଣପ୍ରସାଦ ପାଣିଗାହୀ)**

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ୍ ମକୁନ୍ଦପୁର ପଞ୍ଚାୟତ ସଭାକକ୍ଷରେ ସୋମବାର ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଆଶୁ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର କୁମାର ନାଗ୍‌ଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବିଡିଓ ପ୍ରିୟରଞ୍ଜନ କୁମାର, ସରପଞ୍ଚ ଜାନକୀ ସାହୁ, ଗ୍ରାମପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ଏପିଓ ସୁଧାଂଶୁ ଭୂଷଣ ମେହେର, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଯନ୍ତ୍ରୀ ବନିତା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହେବା ସହ ଆଶୁ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଏହି ଶିବିରରେ ମୋଟ ୨୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଅନେକ ବୃଦ୍ଧାବୃଦ୍ଧ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ପ୍ରଦାନ କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଅସମର୍ଥ ଥିବା ବୃଦ୍ଧାବୃଦ୍ଧଙ୍କ ନିକଟକୁ ନଗଦ ଟଙ୍କା ଆକାରରେ ପ୍ରଦାନ କରିବା ପାଇଁ ଲିଖିତ ଭାବେ ଦାବି ଜଣାଇଥିଲେ । ପଞ୍ଚାୟତ ମୁଖ୍ୟାଳୟରେ ଥିବା ଖେଳପଡିଆର ଉନ୍ନତୀକରଣ ପାଇଁ ଗ୍ରାମର ଯୁବକମାନେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଫାଇନାନ୍ସ କର୍ମଚାରୀ ମୃତ

**ଲୋଇସିଂହା, ୧୯।୧ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅଧୀନ କରକଟିଆ ଛକ ନିକଟ ମାନସାପାଲିଠାରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଲୋଇସିଂହା ସେଫ୍ ଫାଇନାନ୍ସର କ୍ଷେତ୍ର କର୍ମଚାରୀ ରଞ୍ଜିତ ଭେଣ୍ଟ୍ରା(୨୮)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ରଏଲା ଗ୍ରାମରେ ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ସେଫ ଫାଇନାନ୍ସରେ କାର୍ଯ୍ୟରତ ରଞ୍ଜିତ ଝାରମୁଣ୍ଡା ଅଞ୍ଚଳର କ୍ଷେତ୍ର ଟଙ୍କା ଆଦାୟ ପାଇଁ ଯାଇ ଲୋଇସିଂହାସ୍ଥିତ ଅଫିସକୁ ବାଇକ୍‌ରେ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟଏକ ବାଇକ୍ ସହ ଧକ୍କା ହୋଇଥିଲା। ଅନ୍ୟ ବାଇକ୍‌ଚାଳକଙ୍କ ପରିଚୟ ମିଳି ନ ଥିବାବେଳେ ଘର ଦୁର୍ଗାପାଲିରେ ବୋଲି ଜଣାପଡିଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ରଞ୍ଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ପଠାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୦/୨୬) ରୁଜୁ ହୋଇଥିବା ଥାନା ଅଧିକାରୀ ସିପରାସରାୟା ଲୁଗୁନ କହିଛନ୍ତି।






# କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ



ସୁବର୍ଣ୍ଣପୁରରେ ଦିବସ ପାଳନ ଅବସରରେ ଅତିଥି ବୃନ୍ଦ।

## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ସୋନପୁର, ୧୯।୧(ମୃତ୍ୟୁଞ୍ଜୟ ଶତପଥୀ)**

କନ୍ୟା ସନ୍ତାନଙ୍କ ଅଧିକାର, ସୁରକ୍ଷା, ଶିକ୍ଷା ଓ ସମାନ ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ କନ୍ୟା ସନ୍ତାନ ଦିବସ ସୋମବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସମଗ୍ର ଶିକ୍ଷା ଓ ବ୍ରେକଥ୍ରୁ ଅନୁଷ୍ଠାନର ମିଳିତ ଉଦ୍ୟମରେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଏହି ଦିବସ ପାଳିତ ହୋଇଥିଲା। କନ୍ୟା ଶିଶୁଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମାଜର ସମସ୍ତଙ୍କ ଭୂମିକା ଅତ୍ୟନ୍ତ ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ କନ୍ୟା ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ସୁରକ୍ଷା ଓ ଲିଙ୍ଗ ସମାନତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବକ୍ତାମାନେ କହିଥିଲେ, କନ୍ୟାଶିଶୁଙ୍କୁ ସଶକ୍ତ କରିଲେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ି ଉଠିପାରିବ। କନ୍ୟା ଭ୍ରୁଣହତ୍ୟା, ବାଲ୍ୟ ବିବାହ ଓ ଲିଙ୍ଗ ଭେଦଭାବ ଭଳି କୁପ୍ରଥା ଦୂର କରିବା ପାଇଁ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅଞ୍ଚଳର ପାଞ୍ଚୋଟି ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇ କୃତି ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରିଥିଲେ। କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ବୋଲି ପଣ୍ଡା କହିଥିଲେ । ଶିକ୍ଷା ହିଁ ବାଲ୍ୟ ବିବାହର ପ୍ରତିକାର ଓ ବିକାଶର ଚାବିକାଠି ସମ୍ପର୍କିତ ବିଷୟରେ ବକ୍ତୃତା, ମୋ ସ୍ୱର, ମୋ ଅଧିକାର, ମୋ ଭବିଷ୍ୟତ ବିଷୟରେ ପ୍ରବନ୍ଧ ଲିଖନ ଏବଂ ଲିଙ୍ଗ ନିର୍ବିଶେଷରେ ଆମେ ମିଳିମିଶି ଏକ ଉନ୍ନତ ଭବିଷ୍ୟତ ଗଢିବା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକ ଓ ବରିଷ୍ଠ ଶିକ୍ଷକମାନେ ବିଚାରକିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଦାସ, ବରିଷ୍ଠ ଶିକ୍ଷକ ଆତ୍ମଜ ବିହାରୀ ଶତପଥୀ, ଜିଲା ବାଳିକା ଶିକ୍ଷା ସଂଯୋଜକ ମାନସ ରଞ୍ଜନ ସେଠ, ବ୍ରେକଥ୍ରୁର ବରିଷ୍ଠ ଅଧିକାରୀ ଉମାକାନ୍ତ ପାତ୍ର, ସ୍ୱାହା ଦାସ ଓ ମୋନାଲିସା ପରମାଣିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବିନିକା, ୧୯।୧ (ରାମ ଗୋପାଳ ବାଘ): ଶ୍ବିନିକା ସହରାଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏନଏସି ଟାଉନ ହଲଠାରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣତନ୍ତ୍ର ଦିବସ ଧୁମଧାମରେ ପାଳନ କରାଯିବ ନେଇ ଆଲୋଚନା କରାଯାଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ଏସଆଇ ଅନୀଲ କୁମାର ବେହେରା, କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।




# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

**ତରଭା, ୧୯।୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମେଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଡ଼ ନୃପରାଜ ସାହୁ, ଏସ୍‌ପି ନାରାୟଣ ନାଏକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୨ପଞ୍ଜିକୃତ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୨୮ ବ୍ୟକ୍ତିଗତ ଓ ୩୪ଟି ସାମୂହିକ ଥିଲା। ସମସ୍ତ ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ଉପ ଜିଲାପାଳ, ଡ଼ ସୌମ୍ୟାରୂପା ରଥ, ତହସିଲଦାର ସୁଶ୍ରୀ ଶ୍ୱେତଲିନା ମାହାଣା, ସରପଞ୍ଚ ମେଣ୍ଡା ଗ୍ରାମ ପଞ୍ଚାୟତ ଲିଜାରାଣୀ ଦଣ୍ଡସେନା, ବିଭିନ୍ନ ଜିଲା ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସଙ୍ଗଠିତ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ


ବିଜେଡି ପକ୍ଷରୁ ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିଜେଡି ପକ୍ଷରୁ ନବନିଯୁକ୍ତ ପଦାଧିକାରୀଙ୍କୁ ସ୍ୱାଗତ ସମର୍ଦ୍ଧନା

**ବୀରମହାରାଜପୁର, ୧୯।୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପଠାରେ ସୋମବାର ନବନିଯୁକ୍ତ ବ୍ଲକ ବିଜେଡି ସଭାପତି, ଜିଲା ଉପସଭାପତି, ସାଧାରଣ ସମ୍ପାଦକ ଏବଂ ସମ୍ପାଦକମାନଙ୍କୁ ସ୍ୱାଗତ କରାଯାଇଥିଲା। ଯୁବ ବିଜେଡି ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ସରୋଜ କୁମାର କମ୍ପ ଯୋଗଦେଇଥିଲେ। ଜିଲା ଉପସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, କିଶୋର ହୋତା, ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଲଳିତ ପାତ୍ର, ସଞ୍ଜୀବ କୁମାର ଦେହୁରୀ ପ୍ରମୁଖ ମଞ୍ଚାସିନ ହୋଇ ଦଳୀୟ ସଙ୍ଗଠନ ମଜଭୁତ କରିବା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ନେତା ପ୍ରେମାନନ୍ଦ ଜଟି, ବିବସ୍ୱତୀ ପଣ୍ଡା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର କୁମାର ଜଗଦଲା, ଭଗବାନ କର୍ଣ୍ଣ ତୃଣମୂଳସ୍ତରରୁ ଦଳକୁ ସଙ୍ଗଠିତ କରିପାରିଲେ ଆଗାମୀ ପଞ୍ଚାୟତ ଓ ଏନଏସି ନିର୍ବାଚନରେ ଦଳ ନିଶ୍ଚିତ ଭାବରେ ସଫଳତା ପାଇବ ବୋଲି କହିଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟର ଭାଜପା ସରକାର କିଭଳି ଲୋକଙ୍କୁ ପ୍ରତାରିତ ଚାଲିଛନ୍ତି ତାହା ଉପରେ ନେତୃବୃନ୍ଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଶ୍ରୀକାନ୍ତ କର୍ମୀ ପୃଥ୍ୱୀରାଜ ମହାକୁର, ବିଶ୍ୱବାସ ହୋତାଙ୍କ ସମେତ ଶତାଧିକ କର୍ମୀ ଯୋଗଦାନ କରିଥିଲେ। ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ସୌର ନଳକୂପ ୨ ମାସ ହେଲା ଅଚଳ

**ଅମରପାଲି, ୧୯।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବଲିପାଲି ଗ୍ରାମରେ ଥିବା ସୌରଚାଳିତ ପ୍ରକଳ୍ପ ଗତ ୨ମାସ ହେଲା ଅଚଳ ହୋଇ ପଡ଼ିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ପ୍ରକଳ୍ପ ଅଚଳ ହୋଇଥିବା ଜଣାପଡ଼ିଛି। ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ଏନେଇ ଗ୍ରାମର କେତେକ ବ୍ୟକ୍ତି ବସୁଧା ଯୋଜନାରେ ଥିବା ଯୋଗାଯୋଗ ନମ୍ବରରେ ଅଭିଯୋଗ ସତ୍ତ୍ୱେ ଏଯାଏ ଏହାର ମରାମତି କରାଯାଉ ନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏକ ୱାର୍ଡ ବିଶିଷ୍ଟ ବଲିପାଲି ଗ୍ରାମରେ ଶହେରୁ ଅଧିକ ପରିବାର ପିଇବା ପାଣି ପାଇଁ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିଲେ। ଏହା ଅଚଳ ହୋଇ ପଡ଼ିଥବାରୁ ଲୋକେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ଏହି ସୌରଚାଳିତ ପ୍ରକଳ୍ପରୁ ପାଣି ନେଇ ରୋଷେଇ କରାଯାଇଥାଏ। ପ୍ରାୟ ଦୁଇ ମାସ ହେଲା ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାରୁ କେନ୍ଦ୍ରରେ ସମସ୍ୟା ଉପୁଜିଛି। ଏଣୁ ଗ୍ରାମର ପାନୀୟ ଜଳ ସମସ୍ୟାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



# ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କଲେ ବିଇଓ

## ସ୍କୁଲରେ ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମାରପିଟ ଘଟଣା

**ସମ୍ବଲପୁର, ୧୯।୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ବୁର୍ଲା କିର୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ୧୫ ତାରିଖରେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ମାରପିଟ ଘଟଣାରେ ଲିପ୍ତ ଦୁଇ ଶିକ୍ଷୟିତ୍ରୀଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) କରନ ଶର୍ମା ସେମାନଙ୍କ ବିରୋଧରେ ଓଡ଼ିଶା ପ୍ରଶାସନିକ ସେବା ଅଧିନିୟମ ୧୨ ଅନ୍ତର୍ଗତ ଉପଧାରା 'ଏ' ଅନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନସ୍ୱରୂପ ଉଭୟ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ହୋଇଥିବା ଶିକ୍ଷୟିତ୍ରୀ ହେଲେ ସହକାରୀ ଶିକ୍ଷୟିତ୍ରୀ ଶର୍ମିଷ୍ଠା ପଲେଇ ଓ କସ୍ତୁରୀ ଜେନା। ଏନେଇ ବିଧିବଦ୍ଧଭାବେ ନିଲମ୍ବନର ନୋଟିସ ଜାରି କରିଛନ୍ତି ବିଇଓ। ତେବେ ନିଲମ୍ବିତ ଅବଧି ମଧ୍ୟରେ ଶିକ୍ଷୟିତ୍ରୀ ପଲେଇଙ୍କୁ କୁଦ-ଅମଲିପାଲି ଓ ଜେନାଙ୍କୁ ପାଣ୍ଡିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ବିଭାଗୀୟ ଅନୁମତି ବିନା ସେମାନଙ୍କୁ ହେଡକ୍ୱାର୍ଟର୍ସ ନ ଛାଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

ସୂଚନାଯୋଗ୍ୟ, ବିଦ୍ୟାଳୟରେ ଶୌଚାଳୟ ସଫେଇ କାର୍ଯ୍ୟକୁ ନେଇ ଉଭୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି, ପରବର୍ତ୍ତୀ କାଳରେ ଉଗ୍ରରୂପ ଧାରଣ କରିଥିଲା। ଉଭୟେ ମୁଥ ମରାମରି ହୋଇ ଲହୁଲୁହାଣ ହୋଇଯାଇଥିବା ଏକ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଥିଲା। ତେବେ ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଦୁଇ ଶିକ୍ଷୟିତ୍ରୀଙ୍କ ଏଭଳି ମାରପିଟ୍‌କୁ ନେଇ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଧନକଉଡ଼ା ବିଇଓଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ଧନକଉଡ଼ା ବିଇଓ ଶର୍ମା କହିଛନ୍ତି, ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ଗତ ୧୬ତାରିଖରେ ଏହାର ବିଧିବଧ ତଦନ୍ତ କରି ରିପୋର୍ଟ ଦେବାକୁ ବିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଆର୍‌ସିସିଙ୍କ ରିପୋର୍ଟ ମିଳିବା ପରେ ଏହାର ତର୍ଜମା କରି ଉଭୟ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି ବୋଲି ସେ କହିଛନ୍ତି।

# ସନ୍ଧ୍ୟାରେ ଲୋକ ଉତ୍ସବ ପତାକା ଉତ୍ତୋଳନ

**ବଲାଙ୍ଗୀର, ୧୯।୧ (ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଲୋକ ଉତ୍ସବ ଏବଂ ଓର୍‌ମାସ ପଲ୍ଲିଶ୍ରୀ ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିମାନେ ସୋମବାର ସନ୍ଧ୍ୟାରେ କୋଶଳ କଳାମଣ୍ଡଳ ପଡିଆରେ ଲୋକ ଉତ୍ସବ ପତାକା ଉତ୍ତୋଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସକାଳେ ମଞ୍ଚ ପୂଜା ପରେ ପତାକା ଉତ୍ତୋଳନ ହୁଏ। ତେବେ ଚଳିତବର୍ଷ ପତାକା ଉତ୍ତୋଳନ ସନ୍ଧ୍ୟାରେ କରାଯାଇଥିବାରୁ ଏହାଠିକ୍ ନୁହେଁ ବୋଲି ବହୁ କଳାକାର କହିଛନ୍ତି।




# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ଉତ୍ସବ ପ୍ରଧାନପାଟ ଦ୍ୱିତୀୟ ସନ୍ଧ୍ୟା

**ଦେବଗଡ଼, ୧୯।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପ୍ରଶାସନ, ସଂସ୍କୃତି ବିଭାଗ ଏବଂ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୬' ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡ଼ବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସଭାରେ ଦେବଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଯୋଗଦେଇଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ), ତିଲେଇବଣିର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଧନ୍ୟବାଦ ଦେଇଥିଲେ। ଉପସ୍ଥାପିକା ମୋନାଲିଶା ସାହୁ ସଭା ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଦେବଗଡ଼ର ନୃତ୍ୟଦଳ ଦ୍ୱାରା ଲୋକନୃତ୍ୟ, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ଆସାମର ବିହୁ ନୃତ୍ୟ, ହରିୟାଣାର ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ତେବେ ପଶ୍ଚିମ ଓଡ଼ିଶାର ୯ଟି ଜିଲାର ଲୋକକଳା ଓ ଲୋକ କଳାକାରଙ୍କୁ ନେଇ ଗଠିତ ସମ୍ବଲପୁର 'ଉକିଆ' ଦ୍ୱାରା ପରିବେଷିତ ଲୋକନୃତ୍ୟ ସମସ୍ତଙ୍କୁ ବିଭୋର କରିଥିଲା। ସେହିପରି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୌଜନ୍ୟା ରଥ ଓ ତାଙ୍କ ଦଳ ପକ୍ଷରୁ ମନଛୁଆଁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକନୃତ୍ୟ ଓ ସଙ୍ଗୀତରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଏହି ଅବସରରେ ପୂର୍ବାହ୍ନରେ ଉତ୍ସବ ମଣ୍ଡପରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ରୁଫ୍ ଟପ୍ ସୋଲାର ସିଷ୍ଟମ ଉଦ୍‌ଘାଟିତ



ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ଦେବଗଡ଼, ୧୯।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ପରିସରରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୋମବାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତି ଯୋଜନାରେ ଏକ କିଲୋୱାଟ ରୁଫ୍ ଟପ୍ ସୋଲାର ସିଷ୍ଟମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଇଂ. ସୁଶାନ୍ତ ପଣ୍ଡା, ଚିଫ୍ ରିନେବୁଲ ଆଶିଷ ପାଟଯୋଶୀ, ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀଯନ୍ତ୍ରୀ ରାଜୁ ସାହା ପ୍ରଥମେ ତାରାଦତ୍ତ ନାୟକଙ୍କ ଘର ଛାତ ଉପରକୁ ଯାଇ ସୋଲାର ପ୍ଲାଣ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ଯୋଗଦେଇ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତି ବିଜୁଳି ଘର ଯୋଜନାରେ ନିଜ ଘରେ ସୋଲାର ପ୍ଲାଣ୍ଟ ଲଗାଇ ଉପଯୁକ୍ତ ବ୍ୟବହାର ସହ ସୁସ୍ଥ ପରିବେଶ ଗଠନ ଉପରେ ମତବ୍ୟକ୍ତ କରିଥିଲେ। ପରେ ତିଲେଇବଣି ପଞ୍ଚାୟତରୁ ୬ ଜଣ କନ୍ଦର୍ପ ମାଝୀ, ହୃଦୟ ରଞ୍ଜନ କାଲୋ, ସୁନୀତା ସାହୁ, ତାରାଦୁତ୍ତ ନାୟକ, ପ୍ରହ୍ଲାଦ ନାୟକ ଓ ସହଦେବ ମାଝୀଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଏଥିସହ ବିଭିନ୍ନ ବ୍ଲକର ବିଭାଗୀୟ ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ଏହି ବୈଠକରେ ବିଦ୍ୟୁତ୍ ବିଭାଗର କର୍ମଚାରୀ, ବେନିଫିସିଆରି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରାଜ୍ୟସ୍ତରୀୟ କବି ସମ୍ମିଳନୀ




କବି ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ଦେବଗଡ଼, ୧୯।୧ (ଶଶାଙ୍କ ଶେଖର ଝାଙ୍କର)**

ଉତ୍ସବ ପ୍ରଧାନପାଟ ଅବସରରେ ମଞ୍ଚଠାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଉପଜିଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ. ସଞ୍ଜୟ କୁମାର ପଣ୍ଡା, ବରେଣ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ, ସଂସ୍କୃତି ଅଧିକାରୀ ମନୋରଞ୍ଜନ ଭୋଇ, ଡେପୁଟି କଲେକ୍ଟର ପ୍ରିୟା ତିର୍କି, ଦେବଗଡ଼ ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇଥିଲେ। ଟିକେଶ୍ୱର ସାହୁ, ପଦ୍ମିନୀ ଦାଶ ମହାପାତ୍ର, ସୁମିତ୍ରା ପୁରୋହିତ ଓ ଅଞ୍ଜନା ନାଏକ କବିତା ସଂଯୋଜନା କରିଥିଲେ। ଏଥିରେ ଦେବଗଡ଼ ଜିଲା ଓ ନିକଟବର୍ତ୍ତୀ ଜିଲାର ୧୦୦ରୁ ଉର୍ଦ୍ଧ୍ୱ କବୟିତ୍ରୀ, କବି ଯୋଗଦେଇ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ: ଫାଇନାଲରେ ରାଉରକେଲା ଆର୍‌ୱାଇସିସି

**ଦେବଗଡ଼, ୧୯।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଟିଙ୍କବୀରରେ ଆୟୋଜିତ ୧୭ତମ ସର୍ବଭାରତୀୟ ଜଳମୁଣ୍ଡି କ୍ରିକେଟ୍ କପ୍ ଫାଇନାଲକୁ ପ୍ରବେଶ କରିଛି ରାଉରକେଲାର ଆର୍‌ୱାଇସିସି ଟିମ୍। ସୋମବାର ସେମିଫାଇନାଲ ମ୍ୟାଚ୍ ବିସିସି ଦେବଗଡ଼ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ରାଉରକେଲା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବିସିସି ଟିମ୍ ୯ ଉଇକେଟ୍ ହରାଇ ୧୨୮ ରନ୍‌ରେ ସୀମିତ ରହିଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗୁରୁଶରଣଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କୁ ଦେବଗଡ଼ ଓକଲି ସଂଘ ସଭାପତି ସଚ୍ଚିକାନ୍ତ ଦାସ ପୁରସ୍କୃତ କରିଥିଲେ। ଭାଜପା ଆଇଟି ସେଲ୍ ମୁଖ୍ୟ ମୋତିଲାଲ ଶର୍ମା ଓ ସାମାଜିକ କର୍ମୀ ଶୁକଦେବ ଭଞ୍ଜ ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ଥିଲେ।

# ୨୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଦେବଗଡ଼, ୧୯।୧ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଲଇମୁରା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୬ଟି ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ସହକାରୀ ଜିଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର, ଲଇମୁରା ସରପଞ୍ଚ ଶନି ମାଝୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।







## ସଂକ୍ଷେପରେ

### ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସଂଯୋଜକଙ୍କ ବୈଠକ

ଲାଞ୍ଜିଗଡ଼, ୧୯।୧ (ରମେଶ ଚନ୍ଦ୍ର ନାୟକ): ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ କ୍ଲଷ୍ଟର ସଂଯୋଜକଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଏବିଇଓ ଭାରତ ଭୁଷଣ ସାହୁ, ସୁଡଳ ଦେବ ମୁଣ୍ଡ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ର କିପରି ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ପୋଷଣ ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଇଓ ମେହେର ପ୍ରକାଶ କରିଛନ୍ତି। ଏଥିରେ ୧୩ ଗୋଟି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ୪୫ ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜର ମତ ରଖିଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ନୂଆପଡ଼ା, ୧୯।୧ (ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳ ପଡିଆଠାରେ ରୟାଲ କ୍ଲବ ଓ ମେରା ଯୁବା ଭାରତ ନୂଆପଡାଙ୍କ ମିଳିତ ଅନୁକୂଲ୍ୟରେ ସୋମବାର ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତ ନୂଆପଡା ଏମ୍‌ଟିଏସ୍ ମୁକେଶ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭେଲା ସରପଞ୍ଚ ବିମଳ ଯୋଶୀ ଓ ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ୨ ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଭାଗ ନେଇଥିଲେ। ଏଥିରେ ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ଦୌଡ ଭଳି ବିଭିନ୍ନ ଖେଳ ଆୟୋଜନ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦିନେଶ ନାୟକ, ପ୍ରତାପ ହଂସ, କୈଶପ ଶଗରିଆ ଓ ସାବନ ହୋତା ଖେଳ ପରିଚାଳନା କରିଥିଲେ। ଟିକେଶ୍ୱର ହଂସ, ସହଦେବ ଥପା, ଦୀପକ ବାଗ, ଧ୍ରୁବ ହଂସ, କୁନାଲ ବାଗ, ବୁଲାରାମ ବାଗ, ନିକୁ ବାଗ ପ୍ରମୁଖ ସହଯୋଗ କରିଥିଲେ।

### ଜ୍ୟୋତିଷ, କର୍ମକାଣ୍ଡ ପଣ୍ଡିତଙ୍କ ମହାସଭା

ଖଡ଼ିଆଳ, ୧୯।୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ଚଚରାଭଟା ଶିବମନ୍ଦିର ପ୍ରାଙ୍ଗଣରେ ପଶ୍ଚିମାଞ୍ଚଳ ଜ୍ୟୋତିଷ ଓ କର୍ମକାଣ୍ଡ ପଣ୍ଡିତମାନଙ୍କ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ତାରପ୍ରସାଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସଭାରେ ନିର୍ଭୁଲ ଭାବରେ ଜ୍ୟୋତିଷ ଗଣନା ସହିତ ସମସ୍ତ କର୍ମ କାଣ୍ଡରେ ପ୍ରକୃତ ମନ୍ତ୍ର ପଠନ କରିବା ନେଇ ଆଲୋଚନା ହୋଇଥିଲା। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ଜ୍ୟୋତିଷ ବିଶାରଦ ସୁଦର୍ଶନ ଠାକୁର, ଆଇନଜୀବୀ ସାରଦା ପ୍ରସାଦ ପଣ୍ଡା, କମ୍ପାଲ ନାୟକ, ଜ୍ୟୋତି ପ୍ରକାଶ ପୂଝାରୀ ସମ୍ମାନିତ ଅତିଥି ଥିଲେ। ଆସ୍ଥା ଆକାଂକ୍ଷା ଦାସ ମଞ୍ଚ ପରିଚାଳନା ଓ ଜ୍ୟୋତିଷ ବିଶାରଦ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଜିଲାରୁ ଶତାଧିକ ପଣ୍ଡିତ, ଜ୍ୟୋତିଷ ଯୋଗଦେଇଥିଲେ।

# ବିଡିଓଙ୍କୁ ମାଡ଼ ମାରି ଯୁବକ ଗିରଫ

ନୂଆପଡ଼ା, ୧୯।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ବ୍ଲକ ବିଡିଓ ରୋହିତ ଭୋଇଙ୍କୁ ସୋମବାର ଜଣେ ଯୁବକ ମାଡ଼ ମାରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବିଡିଓ ଭୋଇଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୧/୨୬) ରୁଜୁକରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜୋଙ୍କ ଥାନା ଭଇଁଷାତାଲ ପଞ୍ଚାୟତ ମୁଡେଲା ଗାଁର ହେମନାଥ ବଞ୍ଜାରା (୩୫)। ଏହାର ପ୍ରତିବାଦରେ ନିର୍ବାଚିତ ପ୍ରତିନିଧି ଓ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଥିଲେ।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ସମୟରେ ବିଡିଓ ଭୋଇ ନିଜ ବାସଭବନରୁ ଖଇରାନୀ ପଞ୍ଚାୟତଠାରେ ହେବାକୁ ଥିବା ଗାଁରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାହାରିଥିଲେ। ସେହି ସମୟରେ ଭଇଁଷାତାଲ ପଞ୍ଚାୟତର କେତେଜଣ ଲୋକ ଆସି ବିଡିଓଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେମାନେ କହିଥିଲେ, ଭଇଁଷାତାଲ ହେଉଛି ପଞ୍ଚାୟତ ସଦର ମହକୁମା। ସେଠାରେ ପଞ୍ଚାୟତ


ଘଟଣାସ୍ଥଳରେ ଏସ୍‌ଡିପିଓ ତଦନ୍ତ କରୁଛନ୍ତି।

**ପ୍ରତିବାଦରେ ଲୋକପ୍ରତିନିଧି, କର୍ମଚାରୀଙ୍କ ଆନ୍ଦୋଳନ**

କୋଠା ନିର୍ମାଣ ନ ହୋଇ ବଲୋଦା ଗାଁଠାରେ ନିର୍ମାଣ କରାଯାଉଛି। ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଲା ପରେ ମଧ କୌଣସି ସୁଫଳ ମିଳି ନ ଥିଲା। ପରେ ପଞ୍ଚାୟତବାସୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ କୋଠା ନିର୍ମାଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ କିପରି ଏହା ନିର୍ମାଣ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ବିଡିଓ କହିଥିଲେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ବଳରେ ସରପଞ୍ଚ କୋଠା ନିର୍ମାଣ କରୁଥିଲେ। କିନ୍ତୁ ଦୁଇଦିନ ତଳେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ମାଣ ବନ୍ଦ ନିର୍ଦ୍ଦେଶ ପାଇବା ପରେ ଆମେ ତାଙ୍କୁ ଅବଗତ କରାଇ ଦେଇଛୁ। ତେଣୁ ଆପଣମାନେ ମୋତେ ଦୋଷ ଦେଲେ କ'ଣ ହେବ ବୋଲି ବିଡିଓ କହିଥିଲେ। ସେହି ସମୟରେ ହେମନାଥ ବଞ୍ଜାରା ନାମକ ଯୁବକ କହିଲେ ତମେମାନେ ଚାହିଁଲେ କାମ ବନ୍ଦ କରିପାରିବ। ଆମ ସହ ଖେଳ ଖେଳୁଛ ବୋଲି କହି ବିଡିଓଙ୍କ ବାମ ଗାଲରେ ଶକ୍ତ ଚାପୁଡା ମାରିଥିଲେ। ଏହାପରେ ବିଡିଓଙ୍କ ଗାଡି ଚାଳକ ଓ ଅନ୍ୟମାନେ ତାଙ୍କୁ ଅଟକାଇଥିଲେ। ପରେ ହେମନାଥ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତଙ୍କୁ ଫୋନ ଯୋଗେ ଜଣାଇଥିଲେ। ଉପଖଣ୍ଡୀୟ ପୋଲିସ ଅଧିକାରୀ ସ୍ୱାଧୀନ ମିଶ୍ର, ଥାନା ଅଧିକାରୀ ଗଙ୍ଗାଧର ମେହେର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ନିର୍ବାଚିତ ପ୍ରତିନିଧି ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକ କର୍ମଚାରୀମାନେ ମଧ୍ୟ କଲମ ଛାଡ ଆନ୍ଦୋଳନ କରିଥିଲେ। ଏହାପରେ ଥାନା ଅଧିକାରୀ ମେହେର ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଏହି ସମୟରେ ହେମନାଥ ବିଡିଓଙ୍କୁ ମାଡ ମାରିଥିବା ସ୍ୱୀକାର କରିଥିଲେ। ପୋଲିସ ହେମନାଥଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

# ପୋଲିସ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

**ଲାଞ୍ଚ ମାମଲା**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାର ପୂର୍ବତନ ପୋଲିସ ଏଏସ୍‌ଆଇ ସୁବାସ ଚନ୍ଦ୍ର ଶବର ସୋମବାର ପ୍ରମାଣ ଅଭାବରୁ ଏକ ଲାଞ୍ଚ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ, ଗତ ୨୦୧୪ରେ ସଦର ଥାନା ଅଧୀନ ମନୋହରପୁର ଗ୍ରାମର ସୁଦର୍ଶନ ସାଙ୍କଠାରୁ ଏକ ମାମଲା ରଫାଦଫା କରିବା ଓ ଜେଲକୁ ନ ପଠାଇବା ପାଇଁ ପୋଲିସ ଏଏସ୍‌ଆଇ ଶବର ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା ଭିଜିଲାନ୍ସ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ପରେ ତା ୭।୭।୨୦୧୪ରେ କୋରାପୁଟ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୨୪/୧୪) ରୁଜୁ କରି ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରୁଥିଲେ।

# ୯୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜଣେ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଖଡ଼ିଆଳ, ୧୯।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଖଡିଆଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସମୁଦାୟ ୯୧ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୭୮ ଓ ସାମୂହିକ ୧୩ଟି ରହିଥିଲା। ଏହିସବୁ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମୀ ସୋରେନ, ଡିଏଫ୍‌ଓ ଅଜିଜ ଖାନ, ଡିଏଫ୍‌ଓ କେଏଲ୍‌ଏ ମାଧବୀ ଲତା, ସିଡିଏମ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଖଡ଼ିଆଳ ବିଡ଼ିଓ ମିଲନ କୁମାର ଝଙ୍କାର, ତହସିଲଦାର ନରସିଂହ ଗଡ଼ବା, ଖଡିଆଳ ଏନ୍‌ଏସି ଇଓ ସ୍ୱାଧୀନ ମହାରଣା, ଡେପୁଟି କଲେକ୍ଟର ଶେଖ ନସିମ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅସହାୟ ଶାନ୍ତିଲତା ପଟ୍ଟନାୟକ, ଗୁର ହାତୀ, ମଞ୍ଜୁ ସୁନା ଓ ଡାଳିମ୍ବ ବେହେରାଙ୍କୁ ୫ହଜାର ଟଙ୍କା ଲେଖାଏ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା।

# ପ୍ରଫେସର ଭୁବନେଶ୍ୱର ବେହେରା ସ୍ମାରକୀ ବକ୍ତୃତାମାଳା


ବକ୍ତୃତାମାଳାରେ ଯୋଗଦେଇଥିବା ଅଧ୍ୟାପକ ଓ ଅଧ୍ୟାପିକାଗଣ।

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡିର ବରପୁତ୍ର ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ସ୍ମୃତିରେ 'ପ୍ରଫେସର ଭୁବନେଶ୍ୱର ବେହେରା ସ୍ମାରକୀ ବକ୍ତୃତାମାଳା' ସୋମବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡ଼ାର ପ୍ରଫେସର ଭୁବେନଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳପତି ଡ଼. ନିବେଦିତା ନାଥ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ 'ଓଡିଆ କବିତାରେ ଦଳିତ ଚେତନା: ସାଂପ୍ରତିକ ସ୍ଥିତି' ଶୀର୍ଷକରେ ଏହି ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଜନବାଦୀ ଲେଖକ ତଥା ଗବେଷକ ଡାକ୍ତର ବାସୁଦେବ ସୁନାନୀ ବକ୍ତାରୂପେ ଯୋଗଦେଇ ବ୍ୟକ୍ତି, ଜାତି, ସମାଜ, ସାହିତ୍ୟ ଓ ବିଜ୍ଞାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାହିତ୍ୟ ସୃଷ୍ଟିର ଉତ୍ସ, ସାହିତ୍ୟର ପରିଭାଷା, ଦଳିତ ସାହିତ୍ୟର ସ୍ୱରୂପ ଓ ବିକାଶ ତଥା ସାଂପ୍ରତିକ ସମୟରେ ତାହାର ସ୍ଥିତି ସମ୍ପର୍କରେ ଲୋକ ମୁଖର କଥିତ ଭାଷାରେ ବୁଝାଇଥିଲେ। କୁଳପତି ଡ. ନାଥ ପ୍ରଫେସର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନର ସମ୍ପାଦକ ଅବିନାଶ ମୁଣ୍ଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସଭାପତି ବିରଜା ପ୍ରସାଦ ପଣ୍ଡା ସଙ୍ଗଠନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ନାତକୋତ୍ତର ଓଡିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଛାତ୍ର ଇଞ୍ଜିନିୟର ପୁରୁଷୋତ୍ତମ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଳାମଣି ଧରୁଆ ମଞ୍ଚ ପରିଚାଳନା କରିଥିବାବେଳେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ବକ୍ତୃତାମାଳାରେ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡ. ସାଗରିକା ଦଳେଇ, ଡ.ପ୍ରତ୍ୟାଶା ଧଳ, ରେଣୁକା ଡାକୁଆ, ଅଧ୍ୟାପକ ବାଲ୍ମିକୀ କରୁଆଁ, ସୁବ୍ରତ କୁମାର ମାଝୀ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ, ଡ. ପବିତ୍ର କୁମାର ବାଗ, ସମାଜବିଜ୍ଞାନ ବିଭାଗ ମୁଖ୍ୟ ଡ. ବିରେନ୍ଦ୍ର କୁମାର ସୁନା, ଅର୍ଥଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଡ. ଶେଷଦେବ ସୁନାଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଗବେଷକ-ଗବେଷିକା, ଛାତ୍ରଛାତ୍ରୀ ଓ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

କୋକସରା, ୧୯।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ): କୋକସରା ବ୍ଲକ ସଭାଗୃହଠାରେ ବ୍ଲକ୍‌ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର ଚୋଡଗଙ୍ଗ ପ୍ରଧାନ, ସହକାରୀ ଯନ୍ତ୍ରୀ ଅହମଦ ସରିଫ, ଜିପିଡିଓ ମିଲୁ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣତଃ ଦିବସ କେମିତି ସୁରୁଖୁରୁରେ ପାଳନ ହେବ ସେ ନେଇ ବିଶେଷ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି, ଏସ୍‌ଆଇ ଡ଼ି ମୋହନ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ତ୍ରିଭୁବନ ନାଏକ, ନବୀନ ନାଏକ, ଇନ୍ଦ୍ର ଧଙ୍ଗ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ। ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ନାଏକ ବୈଠକ ପରିଚାଳନା କରିଥିଲେ।

### ଦିବାରାତ୍ରି ଭଲିବଲ: ବନ୍ଦପଡ଼ା ବିଜୟୀ

ତୁଣ୍ଡଲା, ୧୯।୧ (ଫିରୋଜ କୁମାର ଦାଶ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ବନ୍ଦପଡା ଭଲିବଲ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ଏମ୍‌ଭିସି କଳାହାଣ୍ଡି ଓ ବନ୍ଦପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଦପଡା ଦଳ ବିଜୟୀ ହୋଇଥିଲା। ଅତିଥି ଭାବେ ସୁର୍ଜାପାଲି ସରପଞ୍ଚ ପ୍ରମୋଦ ଦାଶ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ତୁଣ୍ଡଲା ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଧାନ, ପ୍ରଫେସର ରାଜେଶ ସାହୁ, ତ୍ରିବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଚନ୍ଦ୍ର ମୋହନ ବିଶ୍ୱାଳ, ମଳୟ ବିଶାଳ, ଯୁଗଳ ପ୍ରଧାନ, ସରୋଜ ପ୍ରଧାନ, ରମେଶ ସାହୁ ଖେଳ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ରୁପ୍ରା ରୋଡ, ୧୯।୧ (ସଞ୍ଜୀବ ଦାସ)

ନର୍ଲା ବ୍ଲକ ରୁପ୍ରା ରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଚେୟାରମ୍ୟାନ ଦୁର୍ଗା ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପୂର୍ବତନ କଳାହାଣ୍ଡି ପ୍ରମୁଖ ତପନ କୁମାର ଭୋଇ ମୁଖ୍ୟ ବକ୍ତା ଓ ଜିଲାପରିଷଦ ସଭ୍ୟ ଶଙ୍କର ମାଝୀ, ରୁପ୍ରା ରୋଡ଼ ସରପଞ୍ଚ ହେମନ୍ତ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ଭାଇ ଭଉଣୀ ରାମାୟଣ ନୃତ୍ୟନାଟିକା 'ସେ ଦିନୁ ଭରତ ସାଜିଛି ସାଧକ' ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସମ୍ପାଦକ ସଞ୍ଜୀବ କୁମାର ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଭାପତି ଘନଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁଙ୍କ ସୁରଝଙ୍କାର ଓ ପୌରାଣିକ ନାଟକ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

# ନୂଆଦିଲ୍ଲୀରେ ଦୁଲୁକିବ କଳାହାଣ୍ଡିର ଘୁମୁରା, ବଜାଶାଳ

**ବନ୍ଦେ ମାତରମ୍ ଗୀତର ୧୫୦ବର୍ଷ ପୂର୍ତ୍ତି ସମାରୋହ**

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଉପଲକ୍ଷେ ନୂଆଦିଲ୍ଲୀ ରାଜପଥରେ ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ କଳାହାଣ୍ଡିର ଘୁମୁରା ଓ ବଜାଶାଲ ଦୁଲିକିବ। ଭାରତର ପ୍ରତ୍ୟେକ ରାଜ୍ୟର ୨୫ଶହ କଳାକାରଙ୍କୁ ନେଇ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ମଧ୍ୟରେ କଳାହାଣ୍ଡିର ଘୁମୁରା ଓ ବଜାଶାଲ ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପ୍ରତିଭା ଅନୁଷ୍ଠାନର ୩୫ ଜଣ କଳାକାର ସ୍ଥାନ ପାଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ପ୍ରତିଭାର ସଭାପତି ଧ୍ୟାନାନନ୍ଦ ପଣ୍ଡା। ଏହି ଖବର ପ୍ରଚାରିତ ହେବା ପରେ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।


ପ୍ରତିଭା ଅନୁଷ୍ଠାନର କଳାକାର।

# ଓଡ଼ିଶା ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଭେଟ୍‌ଘାଟ୍

ଭବାନୀପାଟଣା, ୧୯।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ରାବଣଧର ଜଳପ୍ରପାତ ପର୍ଯ୍ୟଟନୀସ୍ଥଳୀରେ ଓଡ଼ିଶା ଏଣ୍ଟରପ୍ରାଇଜେସ ପରିବାର ପକ୍ଷରୁ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା କାର୍ଯ୍ୟାଳୟର ମୁଖ୍ୟ ପରିଚାରକ ଶ୍ରୀଧର ସାହୁ ଓ ତାଙ୍କ ସହଯୋଗୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ସଂସ୍ଥାର ଅଧ୍ୟକ୍ଷା କୁମୁଦିନୀ ବାଗ, ଚନ୍ଦ୍ର ଶେଖର ବାଗ ସମସ୍ତ କର୍ମଚାରୀଙ୍କୁ କିପରି ଶାନ୍ତି ଶୃଙ୍ଖଳା ଓ ଟାଟା ପାୱାରର ସମସ୍ତ ନିୟମକୁ ମାନି ଶୃଙ୍ଖଳିତ ହିସାବରେ କାର୍ଯ୍ୟ କରିବେ ସେ ନେଇ ମାର୍ଗଦର୍ଶନ ଦେଇଥିଲେ। ଏଥିସହ ଉତ୍ତମ କାର୍ଯ୍ୟ ସମ୍ପାଦନା କରୁଥିବା କର୍ମଚାରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଏଣ୍ଟରପ୍ରାଇଜେସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଭବାନୀପାଟଣା କାର୍ଯ୍ୟାଳୟର ମୁଖ୍ୟ ପରିଚାରକ ସାହୁ ଧନ୍ୟବାଦ ଦେଇଥିଲେ।

# ରୟାଲ କପ୍ କ୍ରିକେଟ୍: ଉଦ୍ୟାନବନ୍ଧ ଚାମ୍ପିୟନ

ନୂଆପଡ଼ା, ୧୯।୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ଖେଳ ପଡିଆଠାରେ ରୟାଲ କ୍ଲବ ଦ୍ୱାରା ଆୟୋଜିତ ରୟାଲ କପ କ୍ରିକେଟ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଉଦ୍ୟାନବନ୍ଧ ଓ ଝିଲମିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନବନ୍ଧ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଝିଲମିଲା ଦଳ ସମାନ ଓଭରରେ ୭ ଉଇକେଟ ହରାଇ ୧୪୦ ରନରେ ସୀମିତ ରହିଥିଲା। ଫଳରେ ଉଦ୍ୟାନବନ୍ଧ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ତଥା ଜିଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ଘନଶ୍ୟାମ ଭୋଇ, ପୀତାମ୍ବର ଅଦା, ପ୍ରମେଶ୍ୱର ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରି ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସହଦେବ ଥପା ଓ ପ୍ରତାପ ହଂସ ଖେଳ ପରିଚାଳନା କରିଥିଲେ। ଦୀପକ ବାଗ ସ୍କୋରର ଦାୟିତ୍ୱରେ ରହିଥିବା ବେଳେ ଟିକେଶ୍ୱର ହଂସ ଧାରା ବିବରଣି ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ମଣ୍ଡିରୁ ଉଠୁନି ଧାନ: ରାସ୍ତାରେ ବସିଲେ ଚାଷୀ

ଲାଞ୍ଜିଗଡ଼, ୧୯।୧ (ରମେଶ ଚନ୍ଦ୍ର ନାୟକ)

ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଲର୍ସଙ୍କ ମନମାନି ଯୋଗୁ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସମବାୟ ସମିତି ମଣ୍ଡିରୁ ଧାନ ଉଠୁନାହିଁ। ଏହାର ପ୍ରତିବାଦରେ ସୋମବାର ୬ ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଲାଞ୍ଜିଗଡ଼-ମୁନିଗୁଡ଼ା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ବର୍ତ୍ତମାନ ଏହି ମଣ୍ଡିରେ ୧ ହଜାର ୬୦୦ କୁଇଣ୍ଟାଲ ଧାନ ପଡିରହିଛି। ସୂଚନା ଅନୁସାରେ ଲାଞ୍ଜିଗଡ ସମବାୟ ସମିତି ଅଧୀନରେ ଥିବା ମଣ୍ଡିରେ ଚଳିତ ବର୍ଷ ଖରିଫ ଋତୁର ଧାନ ବିକ୍ରିବା ପାଇଁ ୬ ଗୋଟି ପଞ୍ଚାୟତର ଚାଷୀ ପଞ୍ଜୀକୃତ କରିଥିଲେ। ଗତ ୨୦ ଡିସେମ୍ବରରେ ମଣ୍ଡି ଆରମ୍ଭ ହୋଇଥିଲା ବେଳେ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଟୋକାନ ସମୟସୀମା ରହିଥିବା ୧୫୯ ଜଣ ଚାଷୀଙ୍କଠାରୁ ୬ ହଜାର ୧୧୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଅବଶିଷ୍ଟ ୨୫୦ ଚାଷୀଙ୍କ ମଧ୍ୟରୁ ୨୨ ଜଣ ଚାଷୀଙ୍କ ୧ ହଜାର ୬୦୦ କୁଇଣ୍ଟାଲ ଧାନ ଏବେ ମଣ୍ଡିରେ ପଡିରହିଛି। ଅଧିକାଂଶ ଚାଷୀଙ୍କ ଟୋକନ ସମୟ ସୀମା ୨ ରୁ ୪ଦିନ ମଧ୍ୟରେ ଶେଷ ହେବାକୁ ଯାଉଛି। ଦୀର୍ଘଦିନ ହେଲା ଶୀତକାକରରେ ମଣ୍ଡିରେ ପଡି ରହିଛନ୍ତି ଚାଷୀ। ଟାର୍ଗେଟ ଥାଇ ମଧ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଉ ନାହାନ୍ତି। ଏହାକୁ ନେଇ ଚାଷୀମାନେ ସକାଳୁ ୭ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଲାଞ୍ଜିଗଡ ପୋଲିସ ଏସ୍‌ଆଇ ଡୋଳାମଣି ବିଶି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଚାଷୀ, ଲାଞ୍ଜିଗଡ ସମବାୟ ସମିତି ଓ ମିଲର୍ସଙ୍କ ସହିତ ଆଲୋଚନା କରି ଆସନ୍ତା ୪ ଦିନ ମଧ୍ୟରେ ଧାନ ଉଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଆସନ୍ତା ୪ ଦିନ ମଧ୍ୟରେ ଧାନ ଉଠା ନ ଗଲେ ପୁଣି ରାଜରାସ୍ତାକୁ ଓଲାଇବେ ବୋଲି ସମ୍ପୃକ୍ତ ଚାଷୀମାନେ ଚେତାବନୀ ଦେଇଛନ୍ତି।


ରାସ୍ତା ଅବରୋଧ କରିଛନ୍ତି ଚାଷୀ।

# ପାର୍ବତୀ ଗିରିଙ୍କ ଚଳାପଥକୁ ଅନୁସରଣ କରିବାକୁ ଆହ୍ୱାନ

ବରଗଡ଼, ୧୯।୧ (ପ୍ରେମାନନ୍ଦ ଖମାରୀ)

ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ତଥା ମାନବ ସେବାର ମୂର୍ତ୍ତିମନ୍ତ ପ୍ରତୀକ ବଡ଼ମା' ପାର୍ବତୀ ଗିରିଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ସୋମବାର ବିଜେପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବହ୍ନିକନ୍ୟାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳିତ ହୋଇଛି। ରାଜ୍ୟ ସରକାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବରଗଡ଼ ଜିଲା ପ୍ରଶାସନ, ପାର୍ବତୀ ଗିରି ଜନ୍ମ ଶତବାର୍ଷିକୀ କମିଟି ଏବଂ ପାର୍ବତୀ ଗିରି ବୃଦ୍ଧାଶ୍ରମ କମିଟି, ସମଲାଇପଦରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା ବିଭାଗ, କ୍ରୀଡ଼ା ଏବଂ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ବରଗଡ଼ ବେସରକାରୀ ବସ୍‌ଷ୍ଟାଣ୍ଡ ନିକଟସ୍ଥ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକାମ୍ର ଛକସ୍ଥିତ ପାର୍ବତୀଗିରି ମାର୍ଗ ନାମ ଫଳକକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସେ ପାର୍ବତୀ ଗିରିଙ୍କ ଜନ୍ମ ମାଟି ସମଲେଇପଦର ଗ୍ରାମସ୍ଥିତ ବୃଦ୍ଧାଶ୍ରମ ଏବଂ ଉଚ୍ଚ ବିଦ୍ୟାଳୟଠାରେ ଥିବା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସ୍ୱାଗତ କରାଯାଉଛି।

କରିବା ସହ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପରେ ଶତବାର୍ଷିକୀ ପାଳନ ସମାରୋହରେ ଯୋଗଦେଇ ବାଲୁକା କଳାକୃତି ଏବଂ ଚିତ୍ରାଙ୍କନ ପ୍ରଦର୍ଶନୀର ଉଦ୍‌ଘାଟନ ଓ ପରିଦର୍ଶନ କରିଥିଲେ। ସଭାକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ, ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ କୋଟି କୋଟି ପ୍ରଣାମ। ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲାଇପଦର ଗ୍ରାମରେ ଜନ୍ମଗ୍ରହଣ କରି ଗରିବ, ମହିଳା, ଅନାଥ ଏବଂ ସମାଜର ଅବହେଳିତ ବର୍ଗର ଉନ୍ନତି ପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ମାତ୍ର ୧୬ ବର୍ଷ ବୟସରୁ ମହାତ୍ମା ଗାନ୍ଧୀଙ୍କ ଅହିଂସା ଏବଂ ଖଦି ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ରିଟିଶ ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ଜଣେ ସକ୍ରିୟ ଅଂଶଗ୍ରହଣକାରୀ ଭାବେ ଭାରତଛାଡ଼ ଆନ୍ଦୋଳନ ସମୟରେ ସାହସିକ ଏବଂ ଅନୁକରଣୀୟ ଭୂମିକା ଗ୍ରହଣ କରିବା ସହ ବରଗଡ଼ କୋର୍ଟ ଏବଂ ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ ପ୍ରତିବାଦର ନେତୃତ୍ୱ ନେଇ ବାରମ୍ବାର ଗିରଫ ପରେ ସମ୍ବଲପୁର ଜେଲରେ ୨ବର୍ଷ ପାଇଁ ସଶ୍ରମ କାରାବରଣ କରିଥିଲେ। କେବଳ ସେତିକି ନୁହେଁ, ଭାରତର ସ୍ୱାଧୀନତା ପରେ ସେ ବରଗଡ଼ ଜିଲା ନୃସିଂହନାଥଠାରେ କସ୍ତୁରବା ଗାନ୍ଧୀ ମାତୃନିକେତନ ଏବଂ ସମ୍ବଲପୁର ଜିଲାରେ ଡ. ସାନ୍ତରା ବାଳ ନିକେତନ ଭଳି ଅନେକ ଆଶ୍ରମ, ଅନାଥାଶ୍ରମ ପ୍ରତିଷ୍ଠା କରି ନିଜର ନିଃସ୍ୱାର୍ଥପର ସେବା ଜାରି ରଖିବା ସହ ମହିଳା କଲ୍ୟାଣ, ଜେଲ ସଂସ୍କାର, କୁଷ୍ଠ ରୋଗର ନିରାକରଣ, ସ୍ୱାସ୍ଥ୍ୟ ଓ ପରିମଳ ସଚେତନତା ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ମଧ୍ୟ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ତେଣୁ ତାଙ୍କର ମହାନ୍ ଅବଦାନଙ୍କୁ ସ୍ମରଣ କରିବା ସହ ତାଙ୍କ ଦ୍ୱାରା ପ୍ରଦର୍ଶିତ ଚଳାପଥକୁ ସମସ୍ତେ ଅନୁସରଣ କରି ସମୃଦ୍ଧ ଓଡ଼ିଶା ଗଠନ କରିବାରେ ସହାୟକ ହେବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପୁର ବିଧାୟକ ସନତ ଗଡ଼ତିୟା ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ପାର୍ବତୀ ଗିରିଙ୍କ ନାତି ନୀଲେଶ ଗିରି, ପୁତୁରା ଭରତ କୁମାର ଗିରି, ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲାଦ ସହାୟ ମିନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପାର୍ବତୀ ଗିରି ଜନ୍ମ ଶତବାର୍ଷିକୀ ପାଳନ କମିଟି ସଭାପତି ସୁବାସ ପଧାନ ପ୍ରମୁଖ ମଞ୍ଚାସୀନ ହୋଇ ବଡ଼ମା' ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଅଞ୍ଚଳର ପ୍ରମୁଖ ସମାଜସେବୀ, ପ୍ରତିଭା ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକୁ ମିଶାଇ ମୋଟ ୨୭ ଜଣଙ୍କୁ ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏତଦ୍ ବ୍ୟତୀତ ବିଜେପୁର ବ୍ଲକର ୨ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ବିଜେପୁର ତହସିଲ ଅନ୍ତର୍ଗତ ପଡ଼ା ଗ୍ରାମର ୧୯ ଜଣ ଯୋଗ୍ୟ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼ ନାଗରିକ ମଞ୍ଚ, ବରଗଡ଼ ମହିଳା ସମିତି, ବଡ଼ମା ପରିବାର ଆଦି ଅନୁଷ୍ଠାନ ପକ୍ଷରୁ ବରଗଡ଼ ସହରସ୍ଥିତ ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବରଗଡ଼ ପାର୍ବତୀ ଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦିନୀ ନିରୋଦ ପଣ୍ଡା ଓ ଡ. ପ୍ରଶାନ୍ତ କୁମାର ଦାଶ ପାର୍ବତୀ ଗିରିଙ୍କ ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବରଗଡ଼ ଗାନ୍ଧୀଭବନ ଛକରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପୋଲିସ ମାଡ଼ରେ ମହିଳା ଗୁରୁତର ଅଭିଯୋଗ

ଭେଡେନ, ୧୯।୧ (ହୃଷୀକେଶ ଖମାରୀ)

**ରାମଲୀଳା ମହୋତ୍ସବ ଚାଲିଥିବାବେଳେ ତୁମୁଳକାଣ୍ଡ**

**୬ଦର୍ଶକ ଆହତ, ଲାଠିମାଡ଼କୁ ପୋଲିସର ଖଣ୍ଡନ**

ବରଗଡ଼ ଜିଲା ଭେଡେନରେ ଚାଲିଥିବା ରାମଲୀଳା ମହୋତ୍ସବ ସୋମବାର ସରିଲା। ମାତ୍ର ଏହାର ଦିନକ ପୂର୍ବରୁ ରବିବାର ବିଳମ୍ବିତ ରାତିରେ ମହୋତ୍ସବ ଚାଲିଥିବାବେଳେ ତୁମୁଳକାଣ୍ଡ ଘଟିଛି। ରାମଲୀଳା ମହୋତ୍ସବ ଅବସରରେ ଅର୍କେଷ୍ଟ୍ରା ଚାଲିଥିବାବେଳେ କୌଣସି କାରଣରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ଏବଂ ପୋଲିସ-ଦର୍ଶକଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା, ଢେଲା ପଥର, ବୋତଲ ମାଡ଼ ସହିତ ବାଡ଼ିଆପିଟା ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ୬ଦର୍ଶକ ଆହତ ହୋଇଛନ୍ତି। ସେମାନେ ହେଲେ ଗଣ୍ଡିଆପାଲିର ଗହକି ସୁହୁଲା, ଭେଡେନର କଏରୁ ରୋହିଦାସ, ଜୟଦେବ ମେହେର, ଲଳିତ ବିଶ୍ୱାଳ, ଅଛାଣ୍ଡପାଲିର ଲବ ବାଗ ଏବଂ ପାକେଲଦାଦର ଗ୍ରାମର ପ୍ରଫୁଲ୍ଲ ନାଗ। ଆହତ ମହିଳା ଗହକିଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ବେଳେ ପୋଲିସ ଲାଠି ବାଜିବାରୁ ସେ ତଳେ ପଡ଼ି ଚେତାଶୂନ୍ୟ ହୋଇ ପଡ଼ିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଲାଠିମାଡ ଘଟଣାକୁ ପୋଲିସ ଖଣ୍ଡନ କରିଛି । ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ଅଛନ୍ତି । ସୂଚନା ଅନୁଯାୟୀ, ଅନ୍ୟଦିନ ଅପେକ୍ଷା ରବିବାର ରାତିରେ ରାମଲୀଳା ମହୋତ୍ସବରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼ ହୋଇଥିଲା। ଅର୍କେଷ୍ଟ୍ରା ଚାଲିଥିବା ସମୟରେ କିଛି ଲୋକ ମଞ୍ଚ ସମ୍ମୁଖରେ ନାଚି ଥିଲେ। ତେବେ ସେଥିରେ ଅନ୍ୟ ଦର୍ଶକ ତଥା ମଞ୍ଚ ଆଗରେ ବସିଥିବା ମହିଳା ଦର୍ଶକଙ୍କ ଅସୁବିଧା ହୋଇଥିଲା। ଫଳରେ ମଞ୍ଚ ସମ୍ମୁଖରେ ନାଚୁଥିବା ଲୋକଙ୍କୁ ପୋଲିସ ସେଠାରେ ନ ନାଚିବା ପାଇଁ ତାଗିଦ୍ କରିଥିଲା ଏବଂ ସେଥିରୁ ଏହି ତୁମୁଳକାଣ୍ଡ ଉପୁଜିଥିବା ସାଧାରଣରେ ଆଲୋଚିତ ହେଉଛି। ଏ ସମ୍ପର୍କରେ ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ରାମଲୀଳା ମହୋତ୍ସବରେ ଅସମ୍ଭାଳ ଭିଡ଼ ହୋଇଥିଲା। ଢେଲା ପଥର ମାଡ଼ ଯୋଗୁ ଜଣେ ମହିଳା ଆହତ ହୋଇଥିବା ଖବର ମିଳିଛି। ପୋଲିସ ପକ୍ଷରୁ ଲାଠିମାଡ଼ ହୋଇନାହିଁ। ଏପର୍ଯ୍ୟନ୍ତ ଏ ନେଇ କେହି ଏତଲା ଦେଇ ନ ଥିବା ସେ କହିଛନ୍ତି।

# ବକେୟା ଦରମା, ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ପଦ୍ମପୁର, ୧୯।୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପୁରେନାର ଗ୍ରାମବାସୀ ସ୍କୁଲ ପ୍ରତି ଜିଲାଶିକ୍ଷା କାର୍ଯ୍ୟାଳୟର ବୈମାତୃକ ମନୋଭାବ ତଥା ଶିକ୍ଷକମାନଙ୍କର ବକେୟା ପାଉଣାକୁ ନେଇ ସୋମବାର ପଦମପୁର ବ୍ଲକ କାର୍ଯ୍ୟାଳୟର ଓସୱାନ ହଲଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ବକେୟା ଦରମା, ଜିଆଇଏସ ଟଙ୍କା ଓ ୬୧୦ ସ୍କିମର ଶିକ୍ଷକ ନିଯୁକ୍ତିରେ ପାତର ଅନ୍ତର ନୀତିକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶୀଘ୍ର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପ୍ରତି ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦାୟୀ ରହିବ। ଜିଲାପାଳ ଆସନ୍ତା ସାତଦିନ ମଧ୍ୟରେ ବକେୟା ପାଉଣା ଦେବାକୁ ଓ ନିଯୁକ୍ତି ପ୍ରକ୍ରିୟାର ତଦାରଖ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଗଡ଼ଜାତ ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ପରିବେଷଣ।

# ଦର୍ଶକଙ୍କୁ ମତୁଆଲା କଲା ସମ୍ବଲପୁରୀ ନୃତ୍ୟ

ହରଭଙ୍ଗା, ୧୯।୧ (ନରେନ୍ଦ୍ର କୁମାର ସାହୁ)

**ଗଡଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବିରନରସିଂହପୁର ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଗଡଜାତ ଲୋକ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ବିନୟ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥଲେ। ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମୀନାବଜାର, ଘର କରଣା ସାମଗ୍ରୀ ଓ ସୁସାଦୁ ଖାଦ୍ୟଷ୍ଟଲ ଖୋଲାଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ବଲାଙ୍ଗିର ଲୋକନୃତ୍ୟ ଢୋଲମହୁରୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ଗୀତରେ ଦର୍ଶକ ମତୁଆଲା ହୋଇଥିଲେ।

# ଉପଜିଲାପାଳଙ୍କ ଗାଡ଼ିକୁ ଧକ୍କା ଘଟଣା, ୨ ଗିରଫ

ଝାରବନ୍ଧ, ୧୯।୧ (ଦେବେନ୍ଦ୍ର ସାହୁ)

ପଦ୍ମପୁର ଉପଜିଲାପାଳଙ୍କ ଗାଡ଼ିକୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ଏହି ଘଟଣାରେ ଜଗଦଳପୁର ପୋଲିସ ଭୈସାଦର୍ହା ସରପଞ୍ଚ ମନୋଜ ପ୍ରଧାନ ଓ ଆଜାରୁଦ୍ଦିନ ଖାନ୍‌ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା ଗତ ୧୨ତାରିଖ ଜଗଦଳପୁର ଅଞ୍ଚଳରୁ ପଦ୍ମପୁର ଆସୁଥିବା ସମୟରେ ଗୋଟିଏ ନମ୍ବରବିହୀନ ବାଲି ବୋଝେଇ ହାଇୱା ପଦ୍ମପୁର ଅଭିମୁଖେ ଆସୁଥିବା ଦେଖିଥିଲେ। ବେଆଇନ ବାଲି ଚାଲାଣ ହେଉଥିବା ସନ୍ଦେହରେ ହାଇୱାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଜଗଦଳପୁର ଥାନା ଅନ୍ତର୍ଗତ ସରେଇକେଲା ନିକଟରେ ଉକ୍ତ ହାଇୱାଟି ଉପଜିଲାପାଳଙ୍କ ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଉପଜିଲାପାଳ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବର ପାଇ ଜଗଦଳପୁର ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଡ୍ରାଇଭର ପ୍ୟାରେଲାଲ ସାହୁକୁ ଗିରଫ କରି ତଦନ୍ତ ଜାରି ରଖିଥିଲା। ଜୁନିୟର ମାଇନିଙ୍ଗ ଅଫିସର ଚନ୍ଦନ ସାହୁଙ୍କ ଅଭିଯୋଗ ଆଧାରରେ ଜଗଦଳପୁର ପୋଲିସ ଜାଣିବାକୁ ପାଇଲା ଯେ ଗିରଫ ମନୋଜ ପ୍ରଧାନ ସମ୍ପୃକ୍ତ ସରେଇକେଲା ବାଲିଘାଟର ଲିଜଧାରୀ। ଏନେଇ ଜଗଦଳପୁର ଥାନା (ନଂ.୩/୨୫)ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ମନୋଜ ପ୍ରଧାନ ଓ ତାର ସହଯୋଗୀ ଆଜାରୁଦ୍ଦିନଙ୍କୁ ଗିରଫ କରିଥିବା ପୋଲିସ ପକ୍ଷରୁ ଜଣାପଡିଛି । ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଅଭିଯୋଗ ଶୁଣାଣି ଶିବିର

ପଦ୍ମପୁର, ୧୯।୧ (ପ୍ରଦୀପ୍ତ ଦାଶ):

ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ବ୍ୟତୀତ ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ସମୁଦାୟ ୭୫ ଗୋଟି ଅଭିଯୋଗ ମଧ୍ୟରୁ ୬୧ ବ୍ୟକ୍ତିଗତ ଏବଂ ୧୪ ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କାର୍ଯ୍ୟକାରୀ ହେଉନି ଅନ୍‌ଲାଇନ ବଦଳି

ବୌଦ୍ଧ, ୧୯।୧ (ଅଜିତ କୁମାର ବାରିକ)

**ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକୁ ମାନୁନି ଜିଲା ଶିକ୍ଷା ବିଭାଗ**

ରାଜ୍ୟରେ ବହୁଚର୍ଚ୍ଚିତ ଶିକ୍ଷକ ବଦଳିରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ଶିକ୍ଷକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଏହାକୁ ଭିତ୍ତିକରି ବିନା ରାଜନୈତିକ ହସ୍ତକ୍ଷେପରେ ଆବଶ୍ୟକତା ଅନୁଯାୟୀ ୨୦୨୫ ନଭେମ୍ବର ୨୮ରୁ ଡିସେମ୍ବର ୨୫ ମଧ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଦ୍ୱାରା ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ବଦଳି ପାଇଁ ଅନ୍‌ଲାଇନରେ ଆବେଦନ କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକୁ ଜିଲାସ୍ତରରେ କାର୍ଯ୍ୟକାରୀ କରାଇ ଜାନୁୟାରୀ ୧୦ ତାରିଖ ସୁଦ୍ଧା ନୂତନ ଜାଗାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଗଣଶିକ୍ଷା ବିଭାଗର ଏହି ନିର୍ଦ୍ଦେଶ ବୌଦ୍ଧ ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ପୁନର୍ବାର ଗଣଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନମ୍ବର ୮୯୩/-୧୭।୦୧।୨୦୨୬ ଅନୁଯାୟୀ ଶିକ୍ଷୟତ୍ରୀ ଶିକ୍ଷକମାନେ ବଦଳି ପାଇଁ ନିଜର ସୁବିଧା ଅନୁଯାୟୀ ଉପଯୁକ୍ତ ସ୍ଥାନ ସମ୍ପର୍କରେ ଜାନୁୟାରୀ ୧୯ ରୁ ୨୨ ତାରିଖ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମିଳିଥିବା ସୂଚନା ମୁତାବକ ଜିଲାରେ ଏହି ବଦଳି ପ୍ରକ୍ରିୟା ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା କିମ୍ବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଗୁଡିକୁ ସୂଚନା ଦିଆଯାଇ ନ ଥିବା ଜଣାଯାଇଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ପୂର୍ବବର୍ଷ ଯେଉଁମାନେ ଅନ୍‌ଲାଇନ୍ ବଦଳି ପାଇଁ ଆବେଦନ କରିଥିଲେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ତେବେ ଚଳିତବର୍ଷ ଯେଉଁ ଶିକ୍ଷକ ଶିକ୍ଷୟତ୍ରୀ ନିୟମ ଅନୁଯାୟୀ ବଦଳି ପାଇଁ ଆବେଦନ କରିଛନ୍ତି ଖୁବ୍‌ଶୀଘ୍ର ସରକାରଙ୍କ ନିର୍ଦ୍ଦେଶ ମୁତାବକ ବଦଳି ଆଦେଶ କାର୍ଯ୍ୟକାରୀ କରାଯିବ ବୋଲି ଦୁବେ ପ୍ରକାଶ କରିଥିଲେ।

# ଆନ୍ତଃରାଷ୍ଟ୍ରୀୟ ଅଗ୍ରୱାଲ ସମ୍ମେଳନ



ଆନ୍ତଃରାଷ୍ଟ୍ରୀୟ ଅଗ୍ରୱାଲ ସମ୍ମେଳନରେ ଅତିଥିବୃନ୍ଦ।

ବରଗଡ଼, ୧୯।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅନ୍ତରାଷ୍ଟ୍ରୀୟ ଅଗ୍ରୱାଲ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପଡ଼ୋଶୀ ଛତିଶଗଡ଼ରୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିମାନେ ଆସି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନେକ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କଟକ ଶାଖାର ସଭାପତି ମହେନ୍ଦ୍ର ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଷ୍ଟ୍ରୀୟ ସଭାନେତ୍ରୀ (ମହିଳା ବିଭାଗ)ଙ୍କ ସମେତ କେନ୍ଦ୍ରୀୟ ଟିମର ଗଣେଶ ଜୀ, ଆଲୋକ ଜୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପରାମର୍ଶ ଦେଇଥିଲେ। ବରଗଡ଼ ସମ୍ବଲପୁର ସମେତ ବିଭିନ୍ନ ଜିଲାର ଶତାଧିକ ସଭ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବରଗଡ଼ ଶାଖାର ସଭାପତି କୈଳାଶ ଅଗ୍ରୱାଲ, ମହିଳା ଶାଖା ସଭାନେତ୍ରୀ ମଧୁ ଜୈନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଭୂମିକା ନେଇଥିଲେ।

# ଧାନ ବିକ୍ରି ସମସ୍ୟା ନେଇ ବରପାଲିରେ ଚାଷୀ ସମାବେଶ

ବରପାଲି, ୧୯।୧ (ଚିତ୍ତରଞ୍ଜନ ସାହୁ)

ଚାଷୀଙ୍କ ଧାନ ବିକ୍ରି ସମସ୍ୟା ନେଇ ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲିଠାରେ ପୂର୍ବତନ ମନ୍ତ୍ରୀ ରିତା ସାହୁଙ୍କ ନେତୃତ୍ୱରେ ପୁଣି ଗର୍ଜିଲା ବିଜେଡି। ବିଜେଡି ପକ୍ଷରୁ ବିରାଟ ଚାଷୀ ସମାବେଶ ଆୟୋଜନ କରାଯାଇ ସରକାରଙ୍କ ଉପରେ ବିଜେଡିର ନେତା, ମନ୍ତ୍ରୀ ଓ କର୍ମୀ ବର୍ଷିଛନ୍ତି। ଚାଷୀଙ୍କ ହକ ଓ ଅଧିକାର ପାଇଁ ଲଢ଼େଇ ଜାରି ରହିଛି ବୋଲି ଏହି ସମାବେଶରେ ବିଜେଡି ପକ୍ଷରୁ କୁହାଯିବା ସହ ବିଜେଡି ସରକାରରେ ଥାଉ ଅବା ନ ଥାଉ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବୋଲି କୁହାଯାଇଛି । ବର୍ତ୍ତମାନ ସରକାରରେ ଚାଷୀଙ୍କୁ ପ୍ରତାରଣା କରାଯାଉଥିବା କହି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ଏହି ସମାବେଶରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଚାଷୀଙ୍କୁ ହଇରାଣ ନ କରିବାକୁ ସରକାରଙ୍କୁ ଦାବି କରିଛନ୍ତି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସରକାରଙ୍କ ଧାନ କିଣା ବିକା ପ୍ରକ୍ରିୟାରେ ଚାଷୀଙ୍କୁ ଦିନକୁ ଦିନ ହଇରାଣ କରିବା ସହ ମଣ୍ଡିଗୁଡ଼ିକରେ କଟ୍‌ନି, ଛଟ୍‌ନିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମାବେଶ ପରେ ବରପାଲି ତହସିଲଦାରଙ୍କୁ ଭେଟି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଧାନ କିଣା ବିକା ପ୍ରକ୍ରିୟାକୁ ଠିକ କରି ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁ ନଚେତ୍ ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥ ପାଇଁ ବିରାଟ ଆନ୍ଦୋଳନ କରିବ ବୋଲି ବିଜେଡି ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।


ଚାଷୀ ସମାବେଶରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

# ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ପାଇକମାଲ, ୧୯।୧ (ବଡ଼ ଶତପଥୀ)

ପାଇକମାଲ ବ୍ଲକ ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳ ଘୁଚାପାଲିରେ ୧୭ତମ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ ଉତ୍ସବରେ ନୂତନ ପ୍ରବୀଷ୍ଟ କନ୍ୟାମାନଙ୍କର ବ୍ରତ ଉପନୟନ, ଓ ବେଦାରମ୍ଭ ସଂସ୍କାର କରାଯାଇଥିଲା। ଏଥି ସହ ନାରୀ ଉତ୍ଥାନ ସମ୍ମିଳନୀ, ରାଷ୍ଟ୍ର ନିର୍ମାଣ ସମ୍ମିଳନୀ, ବେଦ ସମ୍ମିଳନୀ, ପର୍ଯ୍ୟାବରଣ ସମ୍ମିଳନୀ, ଶିକ୍ଷା ଏବଂ ସଂସ୍କୃତି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ଅନେକ ଶ୍ରୋତା, ବକ୍ତା ଏକତ୍ରିତ ହୋଇଥିଲେ ଏବଂ ସାମବେଦ ପାରାୟଣ ମହାଯଜ୍ଞରେ ଏକତ୍ରିତ ହୋଇ ହୋମକୁଣ୍ଡରେ ଘୃତ ପ୍ରଦାନ କରି ମହାପୂଣ୍ୟ ଲାଭ କରିଥିଲେ। କନ୍ୟା ଗୁରୁକୁଳର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର କୁସ୍ତି


ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳରେ ବାର୍ଷିକ ଉତ୍ସବ।

କରାଯାଇଥିଲା। ଏହି ଅବସରରେ କନ୍ୟା ଗୁରୁକୁଳ ପରିଚାଳନା କମିଟିର ସଭାପତି ବଡ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ବିଧାୟିକା ଜନପ୍ରିୟ ନାରୀ ନେତ୍ରୀ ବର୍ଷାସିଂହ ବରିହା ଯୋଗ ଦେଇ ଯଜ୍ଞ କୁଣ୍ଡରେ ଘୃତ ଆହୁତି ପ୍ରଦାନ କରିଥିଲେ ଓ ଏଠାରେ ଅଧ୍ୟୟନ କରୁଥିବା ୯୦ ଜଣ କନ୍ୟାମାନଙ୍କ ସହ କିଛି ସମୟ ବିତାଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ, ସୁରେଶ୍ୱରାନନ୍ଦଜି, ଚୈତନ୍ୟ ମୁନିଜି, ସୁରେଶ ମୁନିଜି, ସୁଦୂର ହଲାଣ୍ଡରୁ ଆସିଥିବା ଇନ୍ଦିରାବତିଜି, କନ୍ୟା ଗୁରୁକୁଳ ସଞ୍ଚାଳକ ଆଚାର୍ଯ୍ୟ ନରଦେବଜି ଯଜୁର୍ବେଦୀ ପ୍ରମୁଖ ବିଦ୍ୱାନ ପଣ୍ଡିତ, ସାଧୁ ମହାତ୍ମା ରାଷ୍ଟ୍ରସେବୀମାନେ ଯୋଗଦେଇ ତାଙ୍କର ମୁଖ ନିସୃତ ବାଣୀରେ ଅନର୍ଗଳ ମଣିଷ କିପରି ଆଧୁନିକ ଯୁଗରେ ସୁଖରେ ବଞ୍ଚିବେ, ନିଜର କୁଟୁମ୍ବ କିପରି ଧର୍ମକୁ ଆଦରି ପରିଚାଳିତ ହେବେ, ଶିକ୍ଷିତ ହୋଇ କିପରି ରାଷ୍ଟ୍ର ନିର୍ମାଣ କରିବେ, ନାରିଜାତି ଉଚ୍ଚଶିକ୍ଷିତା ହୋଇ ସମାଜର ମଙ୍ଗଳ କାମରେ ଆଗେଇ ଆସିବେ, ଛାତ୍ରୀଛାତ୍ରଙ୍କ ଶିକ୍ଷା କିପରି ହେବା କଥା ଆଦି ବିଷୟରେ ବିସ୍ତୃତ ଦିଗଦର୍ଶନ ଦେଇଥିଲେ। ସଭା ପରିଚାଳନା ଆଚାର୍ଯ୍ୟ ନରଦେବଜି କରିଥିଲେ, ସଭାର ଉଦ୍ଦେଶ୍ୟ ଜ୍ଞାପନ ଆଚାର୍ଯ୍ୟା ସାରଦାଜି କରିଥିବା ବେଳେ ଧନ୍ୟବାଦ ଅର୍ପଣ କନ୍ୟା ଗୁରୁକୁଳର ପ୍ରବନ୍ଧକ ଆଚାର୍ଯ୍ୟ ଅନନ୍ତ କୁମାର କରିଥିଲେ।

# ଫୋରମ ଫର୍ ଗ୍ରାମସଭା କମିଟିର ଅର୍ଥନୈତିକ ଅବରୋଧ

- ୧୨ଘଣ୍ଟା କାଳ ଯାନବାହନ ଚଳାଚଳ ବ୍ୟାହତ
- ସିମେଣ୍ଟ କମ୍ପାନୀର ଜମି ଅଧିଗ୍ରହଣକୁ ବିରୋଧ

ସୁନ୍ଦରଗଡ଼/ରାଜଗାଙ୍ଗପୁର,୧୯।୧ (ଜୟ ନାରାୟଣ ମେଣ୍ଡୁଲି/ଅଶୋକ ପାଣି)



ଆନ୍ଦୋଳନକାରୀ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ( ରାଜପଥ ନଂ .୧୦)କୁ ଅବରୋଧ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରରେ ଥିବା ଏକ ସିମେଣ୍ଟ କମ୍ପାନୀର ଜମି ଅଧିଗ୍ରହଣକୁ ବିରୋଧ କରି ଫୋରମ ଫର ଗ୍ରାମ ସଭା କମିଟି ଦ୍ୱାରା ସୋମବାର ଅର୍ଥନୈତିକ ଅବରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ( ରାଜପଥ ନଂ .୧୦)କୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ(୧୨ ଘଣ୍ଟା) ଧରି ହଜାର ହଜାର ସଂଖ୍ୟକ ପ୍ରଭାବିତ ଅଧିବାସୀ ବ୍ୟାନର ଓ ପୋଷ୍ଟର ଧରି ରାସ୍ତା ଅବରୋଧ କରି ବସି ରହିଥିଲେ। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। କଂଗ୍ରେସ ପ୍ରଦେଶ କମିଟିର ସଭାପତି ଭକ୍ତ ଦାସ, ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କାଙ୍କ ସମେତ ବହୁ ଅନ୍ୟାନ୍ୟ ନେତୃବୃନ୍ଦ ଘଟଣା ସ୍ଥଳରେ ପହଞ୍ଚି ଏହି ଜମି ଅଧିଗ୍ରହଣ ବେଆଇନ ଭାବରେ ହେଉଥିବାର ଅଭିଯୋଗ ଆଣି ନିଜର ବକ୍ତବ୍ୟ ମାନ ରଖିଥିଲେ। ଫୋରମ ଫର ଗ୍ରାମସଭା କମିଟିର ସଭାପତି ବିରବଲ ଟପ୍ପୋ ତଥା ଆବାହକ ବିନୟ ଭୂଷଣ ବାର୍ଲାଙ୍କ ନେତୃତ୍ୱରେ ଏହି ଅବରୋଧ ହୋଇଥିଲା। ଆଇନ ଶୃଙ୍ଖଳାକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲା। ଅପରପକ୍ଷରେ ଏହି ଅବରୋଧ ଶାନ୍ତି ପୂର୍ଣ୍ଣ ରହିଥିଲା। ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ରାଜଗାଙ୍ଗପୁର ତହସିଲଦାର ,ରାଜଗାଙ୍ଗପୁର ଏସଡିପିଓ ଏବଂ ଅନ୍ୟାନ୍ୟ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସିମେଣ୍ଟ କମ୍ପାନୀ ତରଫରୁ ହୋଇଥିବା ଜମି ଅଧିଗ୍ରହଣକୁ ଆନ୍ଦୋଳନକାରୀ ଗ୍ରାମବାସୀ ବେଆଇନ ଦର୍ଶାଇ ବିରୋଧ କରି ଆସୁଛନ୍ତି। ପ୍ରଶାସନ ଏହି ଅଧିଗ୍ରହଣ ଜମିକୁ ନ ଫେରାଇଲେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଆନ୍ଦୋଳନକାରୀ ଗ୍ରାମବାସୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ସହିତ ପ୍ରଶାସନ କିମ୍ବା କମ୍ପାନୀ ତରଫରୁ କୌଣସି ଅଧିକାରୀ ଆଲୋଚନା କରି ନ ଥିବା ଜଣାପଡ଼ିଛି। ଆଗାମୀ ୨ସପ୍ତାହ ମଧ୍ୟରେ ପ୍ରଶାସନ ଦାବି ପ୍ରତି ଅଣଦେଖା କଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମସଭା କମିଟିର ବେନେଡିକ୍ ତିର୍କୀ ଚେତାବନୀ ଦେଇଛନ୍ତି।

# ବନ୍ଦେ ମାତରମ୍ ରାଷ୍ଟ୍ର ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ

ବାଲିଶଙ୍କରା,୧୯।୧ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକର ପ୍ରସିଦ୍ଧ ଶୁଖୀ ମହାଦେବ ଶୈବପୀଠ ପରିସରରେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷ କୁଞ୍ଜଲତା ଭିତ୍ରିଆ ଯୋଗଦେଇ ବନ୍ଦେ ମାତରମ୍‌ର ଐତିହାସିକ ଗୁରୁତ୍ୱ, ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମୂଲ୍ୟ ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ଭୂମିକା ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସରୋଜା ଲକ୍ଷ୍ମୀ ନାଏକ, ଭାରପ୍ରାପ୍ତ ଏବିଇଓ ସୌଭାଗ୍ୟ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ବ୍ଲକ ଅଧିକାରୀ, ଜନସାଧାରଣମାନେ ସକ୍ରିୟ ଯୋଗଦେଇ ସମୂହ ଭାବେ ବନ୍ଦେ ମାତରମ ଗାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତ, ନାଚ, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ହେମନ୍ତ କୁମାର ମିଶ୍ର ଓ ବିଶାଖା ରଣା ସଭା ପରିଚାଳନା କରିଥିଲେ।

# ଆଜି ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସୁନ୍ଦରଗଡ଼,୧୯।୧(ଜୟ ନାରାୟଣ ମେଣ୍ଡୁଲି)

ରାସ୍ତା ସମ୍ପ୍ରସାରଣ ଯୋଗୁ ମେଡିକାଲ ଛକ(ଅଟଳ ଛକ) ନିକଟରେ ଥିବା ପୁରୁଣା ହନୁମାନ ମନ୍ଦିର ଭଙ୍ଗାଯିବା ପୂର୍ବରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନୂତନ ଭାବେ ନିର୍ମିତ ହୋଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି। କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ, ଏହି ଉତ୍ସବ ୩ଦିନ ଧରି ଚାଲିବ। ମଙ୍ଗଳବାର ରତ୍ନମୁଦ ପୂଜା, କଳସ ଅଧିବାସ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା, ବୁଧବାର ମଣ୍ଡଳ ପୂଜା, ଦେବତା ସ୍ନାନ, ହୋମଯଜ୍ଞ, ଆଳତି ପୁଷ୍ପାଞ୍ଜଳି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅମୃତ ଭଜନ ସନ୍ଧ୍ୟା ହେବ। ସେହିପରି ଗୁରୁବାର କଳସ ସ୍ଥାପନ -ଧ୍ୱଜାରୋହଣ, ପୂଜା ଆରମ୍ଭ, ମନ୍ଦିରରେ ଦେବତା ବିଗ୍ରହ ପ୍ରବେଶ, ସନ୍ଧ୍ୟାରେ ରାମ ପରିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁର-ଝଙ୍କାର ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଏହି ୩ ଦିନ ଅପରାହ୍ନ ଓ ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସମସ୍ତ ସୁନ୍ଦରଗଡ଼ବାସୀ ଯୋଗଦେବା ପାଇଁ ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନିମନ୍ତ୍ରଣ କରାଯାଇଛି।

# ପୋଲିସ ଏଏସ୍ଆଇ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୧୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାର ପୂର୍ବତନ ପୋଲିସ ଏଏସ୍ଆଇ ସୁବାସ ଚନ୍ଦ୍ର ଶବର ସୋମବାର ପ୍ରମାଣ ଅଭାବରୁ ଏକ ଲାଞ୍ଚ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରକାଶ ଯେ, ଗତ ୨୦୧୪ରେ ସଦର ଥାନା ଅଧୀନ ମନୋହରପୁର ଗ୍ରାମର ସୁଦର୍ଶନ ସାଙ୍କଠାରୁ ଏକ ମାମଲା ରଫାଦଫା କରିବା ଓ ଜେଲକୁ ନ ପଠାଇବା ପାଇଁ ପୋଲିସ ଏଏସ୍ଆଇ ଶବର ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା ଭିଜିଲାନ୍ସ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ପରେ ତା ୭।୭।୨୦୧୪ରେ କୋରାପୁଟ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୨୪/୧୪) ରୁଜୁ କରି ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାକୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରୁଥିଲେ।

# ରାଜ୍ୟ, କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଭକ୍ତ

## ପିସିସି ସଭାପତିଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼,୧୯।୧(ଜୟ ନାରାୟଣ ମେଣ୍ଡୁଲି)

ପିସିସି ସଭାପତି ଭକ୍ତ ଚରଣ ଦାସ ସୋମବାର ଦିନିକିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ସୁନ୍ଦରଗଡ ସହରରେ ପହଞ୍ଚିବା ପରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଜିଲା ସ୍ତରୀୟ ବୈଠକରେ ଯୋଗଦେଇ ପିସିସି ସଭାପତି ଦାସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତିକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବୈଠକରେ ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ସାଧାରଣ ସମ୍ପାଦକ ଅଜୟ ଲଲ୍ଲୁ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା ଓ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇଥିଲେ। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୋଧରେ କଂଗ୍ରେସ ନେତାମାନେ ତୀବ୍ର ସମାଲୋଚନା କରିଥିଲେ। ଧାନ ସଂଗ୍ରହରେ ଭୟଙ୍କର ଅବ୍ୟବସ୍ଥା, ଜମି ଅଧିଗ୍ରହଣ ନାଁରେ ଆଦିବାସୀଙ୍କ ଉପରେ ଅତ୍ୟାଚାର ଭଳି ମୁଦ୍ଦାକୁ ନେଇ ଭାଜପା ସରକାରକୁ କଠୋର ଭାଷାରେ ଏହି ବୈଠକରେ ନିନ୍ଦା କରାଯାଇଥିଲା। ଜନସାଧାରଣଙ୍କ ଅଧିକାରକୁ ଦଳନ କରୁଥିବା ସରକାର ବିରୋଧରେ କଂଗ୍ରେସ ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବ ବୋଲି ଏହି ସଭାରେ କଂଗ୍ରେସ ନେତାମାନେ ସ୍ପଷ୍ଟ ଚେତାବନୀ ଦେଇ କହିଥିଲେ ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଏହି ସମସ୍ୟାଗୁଡ଼ିକର ସମାଧାନ ନକରନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ସାରା ଜିଲାରେ ଜୋରଦାର ଆନ୍ଦୋଳନ ହେବ ବୋଲି କହିଥିଲେ। ଏହି ବୈଠକରେ ପୂର୍ବତନ ବାଚସ୍ପତି ବରିଷ୍ଠ ନେତା କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଅମିତା ବିଶ୍ୱାଳ, ଗେରୋଟି ଖେସ, ଆଡଭୋକେଟ ପ୍ରଣବ ସିଂ, ଅଜିତ ପ୍ରସାଦ, ପର୍ଶୁରାମ ସରାଫଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସଭାପତି ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



କଂଗ୍ରେସର ଜିଲା ସ୍ତରୀୟ ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ନେତୃବୃନ୍ଦ।

# ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସୁନ୍ଦରଗଡ଼,୧୯।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟର(ମାଦ୍ରିକାଲୋ)ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିଙ୍କ ଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହ ଉଦ୍‌ଘାଟିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଉତ୍ସବରେ ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା (ଆଇଏସ) ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀ ଜୀବନର ବିଦ୍ୟାଳୟ ପାଠ ପଢା ସବୁଦିନ ପାଇଁ ମନେ ରଖିବାର ଏକ ଅମୂଲ୍ୟ ସ୍ମୃତି। ତେଣୁ ଛାତ୍ରୀଛାତ୍ର ମାନେ ଏହି ମୂଲ୍ୟବାନ ସମୟର ସଦୁପଯୋଗ କରିବା ସହ ନିଜକୁ ଭବିଷ୍ୟତର ଜଣେ ଉତ୍ତମ ନାଗରିକ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁରର ପୂର୍ବତନ ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ ଏହି ବିଦ୍ୟାଳୟ ଅନେକ କୃତୀ ବିଦ୍ୟାର୍ଥୀଙ୍କୁ ତିଆରି କରିଥିବା ବେଳେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରି ସୁନାମ ଅର୍ଜନ କରିଥିବା ବେଳେ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଏହା ବଜାୟ ରଖିବାକୁ ଠିକ ଭାବେ ଅଧ୍ୟୟନ କରିବାକୁ କହିଥିଲେ। ମୁଖ୍ୟ ବକ୍ତାଭାବେ ଡୁଡୁକା ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତୀ ମିଶ୍ର ଯୋଗଦେଇ ବିଦ୍ୟାର୍ଥୀମାନେ ଉପଯୁକ୍ତ ବିଦ୍ୟାହାସଲ କରି ନିଜର ସେବା, ତ୍ୟାଗ ଓ ଉତ୍ସର୍ଗୀକୃତ କର୍ତ୍ତବ୍ୟ ଆଧାରରେ ଏକ ସାର୍ଥକ ଜୀବନ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ ବହିଦାର ସଭାରେ ଅଧ୍ୟକ୍ଷତାକରି ୧୯୯୨ରେ ସ୍ୱର୍ଗତ ପିତା ଡିଡି ବହିଦାରଙ୍କ ଦ୍ୱାରା ପ୍ରଥମେ ଗୁଡ ସଫାର୍ଡ ନାମରେ ପ୍ରତିଷ୍ଠିତ ହୋଇ ଏବେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନାମରେ ନାମିତ ହୋଇଥିବା କହିଥିଲେ। ଶିକ୍ଷୟିତ୍ରୀ ପଲବୀ ନାଦର ସଭା ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୪ ଅଭିଯୋଗର ତତ୍‌କ୍ଷଣାତ ସମାଧାନ



ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

## ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୧୯।୧(ଜୟ ନାରାୟଣ ମେଣ୍ଡୁଲି)

ହେମଗିର ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୫ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୦ଟି ବ୍ୟକ୍ତିଗତ, ୩୫ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୪ଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିସିସି ସଭାପତିଙ୍କୁ ବଡ଼ଗାଁରେ ସ୍ୱାଗତ ସମ୍ବର୍ଦ୍ଧନା

ବଡ଼ଗାଁ,୧୯।୧(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ଗ୍ରସ୍ତରେ ଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କୁ ସୋମବାର ବଡ଼ଗାଁଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ପିସିସି ସଭାପତି ରାଜ୍ୟ ସରକାରଙ୍କ ଅପାରଗତା ବିଷୟରେ କହିଥିଲେ। ଏଥିରେ ପିସିସି ସଭାପତିଙ୍କ ସହିତ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ, ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା, ରାଜ୍ୟ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ଜିଲା ସଭାପତି ନିର୍ମଳ ନାଏକ, ଯୁବ ନେତ୍ରୀ ଅମିତା ବିଶାଳ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ସମ୍ପାଦିକା ଅନିମା ମିଞ୍ଜ, ସୁସ୍ମିତା ପଣ୍ଡା, ଏସସି ସେଲ ଅଧ୍ୟକ୍ଷ ମାନମ ମଲ୍ଲିକଙ୍କ ସହିତ ଜିଲା କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ବଡ଼ଗାଁ କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧିର ବିଶି, ଅଶୋକ ବେହେରା, ଲକ୍ଷ୍ମୀଧର ସା ,ଭୁଲକୁ ଠେମରିଆ, ପ୍ରଶାନ୍ତ ଦାସ, ଦିବ୍ୟଲୋଚନ ପୃଷେଟ, ଅହଲ୍ୟା ଲାକ୍ରା, ଫିଲୋସଫର ତିର୍କୀ, ଲଳିତ ଏକ୍କା, ହରିଶଙ୍କର ବାରିକ, ଅଶୋକ ରାଜ, ଅବଦୁଲ ମଜିଦଙ୍କ ସହିତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ହିନ୍ଦୁ ଧର୍ମକୁ ରକ୍ଷା କରିବା ପାଇଁ ଶପଥ ପାଠ

ବାଲିଶଙ୍କରା,୧୯।୧ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତର ଶାଗବାହାଲ ସରସ୍ୱତୀ ଶିଶୁ ମନ୍ଦିରର ଖେଳ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହିନ୍ଦୁ ଧର୍ମ ରକ୍ଷକ ଅଜୟ ଶର୍ମା ଯୋଗଦେଇ କହିଥିଲେ ଯେ, ହିନ୍ଦୁ ଧର୍ମକୁ ବଞ୍ଚାଇବାକୁ ହେଲେ ସମସ୍ତ ଜନସାଧାରଣ ଏକଜୁଟ ହେବା ନିହାତି ଆବଶ୍ୟକ। ଏହାସହ ସମସ୍ତେ ଗୋଟିଏ ବା ଦୁଇଟି ଗାଈ ରଖି ତା'ର ସେବା ଯତ୍ନ କରିବା ସହ ତାଙ୍କଠାରୁ କ୍ଷୀର, ଗୋବର ସଂଗ୍ରହ କର, କାରଣ ଗାଈ ହେଉଛି ଆମର ମା'। ସମ୍ମାନିତ ଅତିଥିଭାବେ ମୁକେଶ ଗୁପ୍ତା, ମହେନ୍ଦ୍ର ମହାକୁଳ, କୈଳାଶ ଭିତ୍ରିଆ, ଅଚ୍ୟୁତାନନ୍ଦ କର, ରବିଚନ୍ଦ୍ର ପଟେଲ, ବନମାଳୀ ବାରସତିଆ, ନନ୍ଦନ ସିଂ ପ୍ରମୁଖ ଯୋଗଦେଇ ହିନ୍ଦୁ ଜାଗରଣ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ଲୁଲକିଡିହି, ଶାଗବାହାଲ ଓ ବନଡେଗା ପଞ୍ଚାୟତର ୩ ହଜାରରୁ ଅଧିକ ମହିଳା ପୁରୁଷ ଯୋଗଦେଇଥିଲେ। ସକାଳ ୬ଟାରେ ନିକଟସ୍ଥ ପୋଖରୀ ମୂଷାକଟାରୁ ସଂକୀର୍ତ୍ତନ୍ୟ ମଣ୍ଡଳୀ ସହ ୧୦୮ କଳସ ଜଳ ପୂର୍ଣ୍ଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ବିଶ୍ୱର ଶାନ୍ତି ପାଇଁ ହୋମ କରାଯାଇଥିଲା। ଏଥିରେ କର୍ତ୍ତାଭାବେ ସଚିନ୍ଦ୍ର ଗଉଡ଼ ଓ ତାଙ୍କ ସହଧର୍ମିଣୀ କୁନ୍ତଳା ଗଉଡ଼, ବ୍ରଜନାଥ ଜୟପୁରିଆ ଓ ତାଙ୍କ ସ୍ତ୍ରୀ ତ୍ରିବେଣୀ ଜୟପୁରିଆ, ସତ୍ୟସୁନ୍ଦର ସାଏ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ସାଏ, ପୂଜକଭାବେ ରବି ନାରାୟଣ ମିଶ୍ର ତୁଲାଇଥିଲେ। ଉକ୍ତ ସମାରୋହକୁ ୩ଟି ପଞ୍ଚାୟତର ହିନ୍ଦୁ ସମ୍ମିଳନୀର ସକ୍ରିୟ କାର୍ଯ୍ୟକର୍ତ୍ତା ରୂପେ ଅରୁଣ ଗୁପ୍ତା, ଉପେନ୍ଦ୍ର କୁଜୁର, ଅର୍ଜୁନ ମାଝୀ, ବିକି ଗୁପ୍ତା, ବିଜୟ ଗୁପ୍ତା, ତପନ ରାଏ ସହାୟତା କରିଥିଲେ। ହିନ୍ଦୁ ସମାଜକୁ ସୁଦୃଢ଼ ଓ ଏକତ୍ରୀକରଣ ଏବଂ ନିର୍ଭୟ ହିନ୍ଦୁ ସମାଜର ଗଠନ କରିବା ପାଇଁ ଏହାର ପ୍ରଚେଷ୍ଟା। ହିନ୍ଦୁ ଏକତ୍ରିତ ହୋଇପାରିଲେ ଭାରତ ସମୃଦ୍ଧ ହୋଇପାରିବ ବୋଲି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମତ ଦେଇଥିଲେ। ଶେଷରେ କୈଳାସ ଭିତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପିସିସି ସଭାପତିଙ୍କ ରାଜଗାଙ୍ଗପୁର ଗସ୍ତ

ରାଜଗାଙ୍ଗପୁର,୧୯।୧(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରକୁ ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଗସ୍ତ କରିଥିଲେ। ତାଙ୍କ ସହିତ ସନ୍ତୋଷ ସିଂ ସାଲୁଜା, ଓଡ଼ିଶା କଂଗ୍ରେସ ପ୍ରଭାରି ଅଜୟ ଲଲ୍ଲୁ, ସୁନ୍ଦରଗଡ କଂଗ୍ରେସ ସଭାପତି ନିର୍ମଳ ନାଏକ, ଅମିତା ବିଶ୍ୱାଳ, ରାଜଗାଙ୍ଗପୁର ବିଧାୟକ ଡକ୍ଟର ସିଏସ ରାଜନ ଏକ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଣିବନ୍ଧ ଠାରେ ଏକ ବିଶାଳ ମଟରସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ରାଣିବନ୍ଧ ଠାରେ ଥିବା ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ବକ୍ତବ୍ୟ ମାନ ରଖାଯାଇଥିଲା। ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ, ପୂର୍ବତନ ଉପନଗରପାଳ ଇଫତେକାର ଅହମ୍ମଦ ପାକା ବାବୁ ଉପସ୍ଥିତ ଥିଲେ।

# କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ବଢୁଛି ମଦ କାରବାର

କୁଆଁରମୁଣ୍ଡା,୧୯।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ଆଦିବାସୀ ବହୁଳ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଶୀ, ବିଦେଶୀ ମଦ କାରବାର ବଢ଼ି ଚାଲିଛି। କୁଆଁରମୁଣ୍ଡା ବ୍ଲକ ଝାରବେଡା ପଞ୍ଚାୟତ ଅଞ୍ଚଳରେ ପୂର୍ବରୁ ଘରେ ଘରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଅବକାରୀ ଓ ପୋଲିସର ଜୋରଦାର ଚଢ଼ାଉ ଯୋଗୁ ସେହି ଅଞ୍ଚଳରେ ମଦ କାରବାରରେ କିଛିଟା ରୋକୋ ଲାଗିଛି। ମାତ୍ର ଏବେ ଡୁମେରଯୋର ପଞ୍ଚାୟତର ବାନିଗୁନି, କର୍ଲାବୁଡ, ତେନ୍ତ୍ରାବାହାଲ ଆଦି ଅଞ୍ଚଳରେ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସେହିପରି ବିଦେଶୀ ମଦ ଦୋକାନ ନିକଟରେ ମଦ୍ୟପାନ କରିବାର ନିୟମ ନ ଥିଲା ବେଳେ ଉକ୍ତ ନିୟମକୁ ବ୍ୟବସାୟୀମାନେ ପାଳନ କରୁ ନାହାଁନ୍ତି। ଫଳରେ ସରକାରୀ ମଦ କାଉଣ୍ଟରଗୁଡ଼ିକ ନିକଟରେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଏହାସହ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଠାରୁ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱରେ ଥିବା ଢ଼ାବା ଓ ହୋଟେଲଗୁଡ଼ିକରେ ଅବାଧରେ ମଦ ବିକ୍ରି ଚାଲୁଛି। ଏହି ବେନିୟମ କାର୍ଯ୍ୟ ପ୍ରତି ଅବକାରୀ ବିଭାଗ ତ୍ୱରିତ ଦୃଷ୍ଟି ଦେଇ ଚଢ଼ାଉକୁ ଜୋରଦାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଟାଇବ୍ରେକରରେ ଜିତିଲା ପ୍ରଗତି କ୍ଲବ

## ତୃତୀୟ ଦିନରେ ବାବୁଲି ରାଉତରାୟ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବନ୍ଧମୁଣ୍ଡା,୧୯।୧(ସୁବ୍ରତ ଦେ)




ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ବନ୍ଧମୁଣ୍ଡା ଡି କ୍ୟାବିନସ୍ଥିତ ଜୟ ହିନ୍ଦ୍ କ୍ଲବ ପଡ଼ିଆରେ ଆୟୋଜିତ ତୃତୀୟ ବାବୁଲି ରାଉତରାୟ ମେମୋରିଆଲ ମିନି ଅଲ ଇଣ୍ଡିଆ ନକ୍ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ତୃତୀୟ ଦିନ। ତୃତୀୟ ଦିନର ପ୍ରଥମ ମ୍ୟାଚ ଜୟ ହିନ୍ଦ୍ କ୍ଲବ ଓ ପ୍ରଗତି କ୍ଲବ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କୌଣସି ଟିମ୍ ଗୋଲ ନ କରିପାରିବା ଯୋଗୁ ଟାଇ ବ୍ରେକରରେ ପ୍ରଗତି କ୍ଲବ ଜିତ ହାସଲ କରିଛି। ମ୍ୟାଚର ସଫଳ ପରିଚାଳନା ରେଫେରି ରୋଶନ ଖାନ ଓ ରାଜା ବାବୁ କରିଥିଲେ। ଏହି ଅବସରରେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବନ୍ଧମୁଣ୍ଡା ଥାନା ଅଧିକାରୀ ରଞ୍ଜନ କୁମାର ନାୟକ, ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ହେମଲତା ନାୟକ, କପାଟମୁଣ୍ଡା ସରପଞ୍ଚ ମୋତିଲାଲ ଲାକ୍ରା, ସୁଜିତ ଲାକ୍ରା, ସୁରେଶ ଏକ୍କା, ଧୀରେନ ପଲ ଏକ୍କା ଓ ସନ୍ଦୀପ ସରକୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ଆୟୋଜକ କମିଟିର ନାଗେଶ୍ୱର ଜଗଦଲ୍ଲା, ସନ୍ତୋଷ କୁମାର ଦାସ, ଅବିନାଶ ଯାଦବ, ଘନଶ୍ୟାମ ତାନ୍ତି, ରାଜା ଚୌଧୁରୀ, ଦମନ୍ତି ସୋନା, ଚୂଡ଼ାମଣି ତାନ୍ତି, ସଞ୍ଜୀବ ଯୋଶୀ, ଟିଙ୍କୁ ଗୋପ, ଅନିମେଷ ବସୁ, ସନାତନ ନାଗ, ବାବୁଲି ନାୟକ, ଧନଞ୍ଜୟ ପୋଦ୍ଦାର, ରାଜୀବ ତାନ୍ତି, ପଞ୍ଚମ ପ୍ରଧାନ, ବିକ୍କି ତାନ୍ତି, କୁନ୍ଦନ ତାନ୍ତି ସହ ଅନ୍ୟାନ୍ୟ ସଦସ୍ୟଙ୍କ ଭୂମିକା ରହିଛି।

# ପାର୍ବତୀ ଗିରିଙ୍କ ଜୀବନ ଥିଲା ମାନବ ସେବା

### ବହ୍ନିକନ୍ୟା ପାର୍ବତୀଗିରିଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ

ସମ୍ବଲପୁର, ୧୯।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଫୁଲଝରସ୍ଥିତ ଡ଼ ଆଇଜାକ ସାନ୍ତା ବାଳ ନିକେତନ ଓ ପାର୍ବତୀ ବିହାରଠାରେ ତିନିଦିନବ୍ୟାପି ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଛି। ରେଢ଼ାଖୋଲ ବିଧାୟକ ତଥା ପାର୍ବତୀ ଗିରି ଜନ୍ମଶତବାର୍ଷିକ କମିଟି ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟ ଅତିଥି, ବରଗଡ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ପ୍ରଦୀପ ହୋତା ମୁଖ୍ୟବକ୍ତା, ହୀରାକୁଦ ହିଣ୍ଡାଲକୋ ଲିମିଟେଡ଼ର ପୂର୍ବତନ ସଭାପତି ସୁଶାନ୍ତ ଗୁରୁ, ବ୍ଲକ ଅଧ୍ୟକ୍ଷା ମମତା ନାଏକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ବଡମା ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ଉତ୍ସର୍ଗ, ପରିଚୟ ଅନୁଷ୍ଠାନ, ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡା, ସତ୍ୟ ନାରାୟଣ ମେଣ୍ଡଲି, ବିପିନ ବିହାରୀ ପଣ୍ଡା, ପ୍ରମିଳା ବେହେରା, ସମ୍ବଳର ରାମଦାସ ପଣ୍ଡା, ଲିଟୁ ମହାନ୍ତି, ଗାୟତ୍ରୀ ସନ୍ତୋଷ ଚାରିଟେବୁଲ ଟ୍ରଷ୍ଟର ଡ. ସନ୍ତୋଷ ଦାଶ ଓ ଗାୟତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ କଲେଜ ପରିସରରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପାର୍ବତୀ ବିହାରରେ ଥିବା ତାଙ୍କ ଚିତାଭସ୍ମରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

ସଭାପତି ଆଚାର୍ଯ୍ୟ ନିଜ ଅଭିଭାଷଣରେ କହିଥିଲେ, ଇତିହାସ ସୃଷ୍ଟି କରିଥିବା ପାର୍ବତୀ ଗିରିଙ୍କ ଧର୍ମ ଓ ଜୀବନ ଧାରା ଥିଲା ମାନବ ସେବା। ସମ୍ମାନୀତ ଅତିଥି ସୁଶାନ୍ତ ଗୁରୁ ତାଙ୍କ ପରିବାର ସହିତ ପାର୍ବତୀ ଅପାଙ୍କ ସମ୍ପର୍କ ଓ ବାଳ ନିକେତନ ଆଶ୍ରମର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଖା ଦେଇଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ଼ ପ୍ରଦୀପ କୁମାର ହୋତା ତାଙ୍କ ରଚିତ ପୁସ୍ତକ ବଡ଼ମା'ର ସାରାଂଶ ସହିତ ମାଳତୀ ଚୌଧୁରୀଙ୍କ ସହିତ ବଡ଼ ମା'ଙ୍କର ଭାରତ ଛାଡ଼ ଆନ୍ଦୋଳନରେ ଭୂମିକା, ବ୍ୟକ୍ତିଗତ ଜୀବନ ଓ ସଂକଳ୍ପ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ତୁଳସୀ ମୁଣ୍ଡା କହିଥିଲେ, ପାର୍ବତୀ ଗିରୀଙ୍କ ଜୀବନ ସଂଗ୍ରାମ ଅତୁଳନୀୟ। ବର୍ତ୍ତମାନ ସ୍ୱାର୍ଥପରତା ଅହମିକା ସମସ୍ୟା ଦେଖାଦେଇଛି ଓ ଆମକୁ ପାର୍ବତୀ ଅପାଙ୍କ ଆଦର୍ଶରେ ଅନୁପାଣିତ ହୋଇ ଆଦର୍ଶ ଗ୍ରାମ ଗଠନ ଓ ରାମରାଜ୍ୟ ପରି ରାଷ୍ଟ୍ର ଗଠନ କରିବାକୁ ପଡିବ। ଦୀପିକା ପ୍ରଧାନଙ୍କ ପରିଚାଳନାରେ ଉତ୍ସର୍ଗ ସଙ୍ଗଠନ, ବନ୍ଦନା ମୁଣ୍ଡା, ବିପିନ ବିହାରୀ ପଣ୍ଡା, ପ୍ରମିଳା ବେହେରା, ରାମଦାସ ପଣ୍ଡା, ସତ୍ୟନାରାୟଣ ମେଣ୍ଡୁଲି, ଲିଟୁ ମହାନ୍ତି, ଗାୟତ୍ରୀ ଦାଶ ଓ ଡ଼ ସନ୍ତୋଷ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷିତ ହୋଇଥିଲା। ଅଧ୍ୟାପକ ଡ଼ ଗୋବିନ୍ଦ ମହାରଣା ଅତିଥି ପରିଚୟ ଦେଇଥିଲେ। କମିଟି ସମ୍ପାଦକ କୁଳଧର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ଭୋଇ ଧନ୍ୟବାଦ ଦେଇଥିଲେ। ପରେ ମୁଇଁ ପାର୍ବତୀ ଗିରି କହୁଛେ ଏକକ ଅଭିନୟ ଅଧ୍ୟାପକ ତୁଷାର ବାରିକଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ପାର୍ବତୀ ଗିରି ଜୟନ୍ତୀ କମିଟି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପଣ୍ଡା, ଉପ ସଭାପତି ସୁରେଶ୍ୱର ପ୍ରଧାନ, ସହ ସମ୍ପାଦକ ଅରୁଣ ଦେହୁରୀ ଓ ଆଦିତ୍ୟ ରହନା, ସଂଯୋଜକ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପାର୍ବତୀ ଗିରିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି।

# ଧନୁଯାତ୍ରା ସମ୍ବଲପୁରୀ ଭାଷାକୁ ଋଦ୍ଧିମନ୍ତ କରିଛି


ସମ୍ବଲପୁରୀ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୧୯।୧ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମୁକ୍ତମଞ୍ଚରେ ସୋମବାର ସମ୍ବଲପୁରୀ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସମଲେଇ ମନ୍ଦିର ଟ୍ରଷ୍ଟବୋର୍ଡ ସଭ୍ୟ ପ୍ରଫୁଲ ହୋତା ଯୋଗଦେଇଥିଲେ। ସମ୍ବଲପୁରୀ ଧନୁଯାତ୍ରା ଜରିଆରେ ସମ୍ବଲପୁରୀ ଭାଷା ଆହୁରି ଋଦ୍ଧିମନ୍ତ ହୋଇଥିବା କହିଥିଲେ। କାର୍ଯ୍ୟକାରୀ ସଭାପତି କମଳଲୋଚନ ପଣ୍ଡା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ ଏବଂ ସାଂସ୍କୃତିକ ସହସମ୍ପାଦକ ଯୋଗେଶ କୁମାର ନନ୍ଦ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ଗୁଣରଞ୍ଜନ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନରେ କଂସ ମହାରାଜ ସୁସଜ୍ଜିତ ରଥରେ ଅଇଁଠାପାଲି ଛକରୁ ନଗର ପରିକ୍ରମା ଆରମ୍ଭ କରିଥିଲେ। ମହାରାଜ କଂସ ନଗର ଭ୍ରମଣ କରି ଫେରିବା ପରେ ସନ୍ଧ୍ୟାରେ ରାଜଦରବାର ଅନୁଷ୍ଠିତ ହୋଇଥିଲା। ରଙ୍ଗସଭାରେ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବସୁଦେବ-ଦେବକୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଥୁରାରେ ଶ୍ରୀକୃଷ୍ଣ ଜନ୍ମ ସହ ଗୋପପୁର ପ୍ରେରଣ କରାଯାଇଥିଲା। ଏଥିପାଇଁ ଗୋପପୁରରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଥିଲା। ଯୋଗମାୟା ପକ୍ଷରୁ କଂସର ମୃତ୍ୟୁ ଚେତାବନୀ ସହ କଂସ ମହାରାଜଙ୍କ ପୁତନାକୁ ଗୋପପୁର ପ୍ରେରଣ ଆଦି ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା।

# ଫଟୋଗ୍ରାଫି ଇତିହାସକୁ ସାଇତି ରଖେ

### ବାର୍ଷିକ ଫଟୋଗ୍ରାଫର୍ସ ମିଟ୍

ସମ୍ବଲପୁର, ୧୯।୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ ପକ୍ଷରୁ ରବିବାର ରାତିରେ ରୁଦ୍ରାକ୍ଷ ରିଭରସାଇଡ ପ୍ରେକ୍ଷାଳୟରେ ବାର୍ଷିକ ଫଟୋଗ୍ରାଫର୍ସ ମିଟ୍ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ଫଟୋଗ୍ରାଫରମାନେ ସାମିଲ ହୋଇ ନିଜର ବୃତ୍ତିଗତ ଅନୁଭୂତି ଏବଂ ସଫଳତା ବାଣ୍ଟିଥିଲେ। ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ତପନ ଦାସ ବିବରଣୀ ପାଠ କରିଥିଲେ। ଫଟୋଗ୍ରାଫି ଏକ ଇତିହାସକୁ ସାଇତି ରଖେ ବୋଲି ସଭାପତି ନିଜ ଅଭିଭାଷଣରେ କହିଥିଲେ। ଆଗାମୀ ଦିନରେ ଫଟୋଗ୍ରାଫିକୁ ନେଇ କର୍ମଶାଳା, ପ୍ରଦର୍ଶନୀ ଏବଂ ନେଟୱର୍କିଂ ସୁଯୋଗ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ସମ୍ବଲପୁରରେ ଦେଶ ତଥା ରାଜ୍ୟର ପ୍ରତିଷ୍ଠିତ ଫଟୋଗ୍ରାଫରମାନେ ରହିଥିବା ବେଳେ ସେମାନଙ୍କର ନିପୁଣ ଫଟୋଗ୍ରାଫି ବିଷୟରେ ଯୁବ ଫଟୋଗ୍ରାଫରମାନେ ଜାଣିବା ଜରୁରୀ ବୋଲି ଉପସ୍ଥିତ ବରିଷ୍ଠ ଫଟୋଗ୍ରାଫରମାନେ କହିଥିଲେ। ଏହାସହ ଏଭଳି କାର୍ଯ୍ୟକ୍ରମ ଜରିଆରେ ଫଟୋଗ୍ରାଫରମାନଙ୍କୁ ପରସ୍ପରଠାରୁ ଶିଖିବା ଏବଂ ସେମାନଙ୍କର କାମ ପ୍ରଦର୍ଶନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ ବୋଲି କାର୍ଯ୍ୟକର୍ତ୍ତାମାନେ ଆଶା ପ୍ରକଟ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ନିକେତ ମେହେଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ କର୍ମକର୍ତ୍ତା।

# ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା


ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଆୟୋଜକ।

ସମ୍ବଲପୁର,୧୯।୧(ବି.ଶଙ୍କର)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସାଧାରଣ ଜ୍ଞାନ (କୁଇଜ) ପ୍ରତିଯୋଗିତା ଜିଲା ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ଜିଲା ପ୍ରଶାସନ ଦିବସ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନି, ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଜିଲା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସ୍ୱାଧୀନତା ସଂଗ୍ରାମର ମହାନ ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟସ୍ତରରେ ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲର ଅର୍ଯ୍ୟାମେସ ପାଣିଗ୍ରାହୀ ଓ ସମ୍ଭବ ସମ୍ପିତ ନନ୍ଦ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରୋଷନ କୁମାର ଜୟସ୍ୱାଲ ଓ ମାମୁର ଅଲି ଖାଁ ଦ୍ୱିତୀୟ, ଫ୍ୟୁଚର ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟରର ସବିକ ହୁସେନ ଓ ରାହୁଲ ପୁଟେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟସ୍ତରୀୟରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଅର୍ପିତା ମିଶ୍ର ପ୍ରଥମ, ଗଙ୍ଗାଧର ମେହେର ହାଇୟର ସେକେଣ୍ଡାରୀ ସ୍କୁଲର ନିଖିଲ କୁମାର ପୂଜାରି, ରଣବୀର ପାଇକରାୟ ଓ ହୀରାକୁଦ ଡିଗ୍ରୀ କଲେଜର ସୁମେନ୍ଦ୍ର ତାଣ୍ଡି, ଅଭିଷେକ ସିଂ ଯୁଗ୍ମ ଦ୍ୱିତୀୟ ଏବଂ ସମ୍ବଲପୁର ବିଶ୍ୱବିଶ୍ୱଦ୍ୟାଳୟର ମାନସ ରଞ୍ଜନ ମିଶ୍ର, ମାଧବେନ୍ଦ୍ର ପୁରିପଣ୍ଡା ଓ ନେତାଜୀ ସୁବାସ ଚନ୍ଦ୍ର ବୋଷ କଲେଜର ସୌମ୍ୟ ସୌଭାଗ୍ୟ ବଳ ଓ ଆକାଶ ମହାନ୍ତି ଯୁଗ୍ମ ତୃତୀୟ ହୋଇଛନ୍ତି । କୁଇଜ ପରିଚାଳନା କରିଥିଲେ ଶ୍ରୀକାନ୍ତ ଷଡ଼ଙ୍ଗୀ । ତାଙ୍କୁ ସହଯୋଗ କରିଥିଲେ ଅଶୋକ ମିଶ୍ର, ଶ୍ୟାମ ସୁନ୍ଦର ଅଗ୍ରୱାଲ, କବିତା ପୁରୋହିତ , ଶୁଭମ୍ ଷଡ଼ଙ୍ଗୀ ।

# ବାଜିରାଉତ ଫୁଟ୍‌ବଲ ଟୁର୍ନାମେଣ୍ଟ: ମନ୍ତ୍ରୀମୁଣ୍ଡା ବିଜୟୀ

କୁଚିଣ୍ଡା,୧୯।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ୪ର୍ଥ ବାଜିରାଉତ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ତଥା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁପମା ନାୟକ ମୁଖ୍ୟଅତିଥି, କାଉନସିଲର ଦୀନେଶ ହଂସ, ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ପଟ୍ଟନାୟକ, ଭାଜପା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, କାହ୍ନୁଚରଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ କୁଚିଣ୍ଡା ଜ୍ୟୋତିପଡା ଓ ମନ୍ତ୍ରୀମୁଣ୍ଡା ମଧ୍ୟରେ ହୋଇଥିଲା। ପେନାଲଟି ସୁଟ୍‌ଆଉଟରେ ମନ୍ତ୍ରୀମୁଣ୍ଡା ଦଳ ବିଜୟୀ ହୋଇ ସମ୍ବଲପୁରରେ ହେବାକୁ ଥିବା ଜିଲାସ୍ତରୀୟ ବାଜିରାଉତ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ମ୍ୟାଚ କମିଶନରଭାବେ ଦୁର୍ଗା ମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ପଧାନ, ପରେଶ ଭୋଇ, ପରେଶ ପ୍ରଧାନ, ସୁନିଲ ଓରାମ, ସରୋଜ ବାଘ, ଅଜୟ ମାଝି ଓ ସଙ୍ଗମ ପଟେଲ ରେଫରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ।


ମୁଖ୍ୟଅତିଥି ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି।

# ରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

କୁଚିଣ୍ଡା, ୧୯।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ରାମ ମନ୍ଦିରରେ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ରାମ ମନ୍ଦିରରେ ଭଗବାନ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ମହାପ୍ରଭୁଙ୍କ ରୀତିନୀତି ଅନୁସାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ହୋଇଥିଲା। ବିଷ୍ଣୁପାଦ ପଧାନ ଓ ତାଙ୍କ ସ୍ତ୍ରୀ ସୁଜାତା ପଧାନ ସପତ୍ନୀକ କର୍ତ୍ତା ହୋଇଥିଲେ। ତନୟ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଶ୍ରୀରାମ ମନ୍ଦିର କମିଟି ସଭାପତି ଯୁଧିଷ୍ଠିର ଦାନୀ, ବ୍ରହ୍ମପ୍ରକାଶ ମହାପାତ୍ର, ଅଜିତ ଚାଲାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିକି ସା, ପିଙ୍କୁ ଜେନା, ରାମଚନ୍ଦ୍ର ବେହେରା, ହେମନ୍ତ ପାଣିଗ୍ରାହୀ, ଝୁଲନ ସା, ନନ୍ଦକିଶୋର ପାଣିଗ୍ରାହୀ, ନନ୍ଦ କିଶୋର ପ୍ରମୁଖଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ଏଥିରେ ସହଯୋଗ କରିଥିଲେ।

# ପଶ୍ଚିମ ଓଡ଼ିଶାରେ ଇଏସ୍‌ଆଇ ମେଡିକାଲ ପାଇଁ ନିଷ୍ପତ୍ତି ନିଅ : ରୋହିତ

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ଶିଳ୍ପ ବହୁଳ ଅଞ୍ଚଳ ପଶ୍ଚିମ ଓଡ଼ିଶା ବଦଳରେ ପ୍ରସ୍ତାବିତ କର୍ମଚାରୀ ରାଜ୍ୟ ବୀମା ନିଗମ(ଇଏସ୍‌ଆଇ) ମେଡିକାଲ କଲେଜ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଯାହା ଶିଳ୍ପ ବହୁଳ ଅଞ୍ଚଳ ପଶ୍ଚିମ ଓଡ଼ିଶା ପ୍ରତି ଭାଜପା ସରକାରଙ୍କ ବୈମାତୃକ ମନୋଭାବର ଅନ୍ୟତମ ପ୍ରମାଣ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ। ବୃନ୍ଦାବିହାରସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଇଂ ପୂଜାରୀ ଭାଜପା ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ଏଭଳି ଚରମ ଅବହେଳା ଦୁର୍ଭାଗ୍ୟଜନକ ବୋଲି କହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ତେବେ ତିନିମାସ ମଧ୍ୟରେ ଭୁବନେଶ୍ୱରରେ ଇଏସ୍‌ଆଇ ମେଡିକାଲ କଲେଜ ପ୍ରତିଷ୍ଠା ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବ ବିଜେଡି ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ଆଇନଜୀବୀ ବସନ୍ତ ମିଶ୍ର, ମହମ୍ମଦ ସନାଉଲ୍ଲା, ସତ୍ୟେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା: ସମ୍ବଲପୁର ଦ୍ୱିତୀୟ

### ସମ୍ବଲପୁରକୁ ୫ ସ୍ୱର୍ଣ୍ଣ ସହ ୧୧ପଦକ

ସମ୍ବଲପୁର,୧୯।୧(ପ୍ରମୋଦ ବହିଦାର)

ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତାରେ ସମ୍ବଲପୁର ଦଳ ବିପୁଳ ସଫଳତା ହାସଲ କରିଛି। ସମ୍ବଲପୁର ଖେଳାଳିମାନେ ବିଭିନ୍ନ ବର୍ଗରେ ୫ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ମିଶି ମୋଟ ୧୧ଟି ପଦକ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ଉପବଜେତା ହୋଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଜାନୁଆରୀ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାର ୨୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ବର୍ଗରେ ୪ଟି ବିଭାଗରେ ପ୍ରତିଯୋଗୀମାନେ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୫ ବର୍ଷରୁ କମ୍ ଯୁବ ବର୍ଗ ଓ ବାଳକ ବର୍ଗରେ ଯଥାକ୍ରମେ ଲେଖାଏଁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ପ୍ରତିଯୋଗିତାରେ ରନର ଅପ୍ ହୋଇଛନ୍ତି। ଏହି ସଫଳତା ପାଇଁ ଲନବଲ୍ ସଂଘର ସଭାପତି ଡା. ରାସେଶ୍ୱରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦିକା ରଷ୍ମିତା ପୁରୋହିତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଟ୍ରଫି ସହ ଲନବଲ୍ ପ୍ରତିଯୋଗିତାର ରନର ଅପ୍ ସମ୍ବଲପୁର ଦଳ।

# ମହିଳାମାନେ ଆଗରେ ରହି ଗ୍ରାମ, ପରିବେଶକୁ ରକ୍ଷା କରୁଛନ୍ତି

### ସାମାଜିକ ଲିଙ୍ଗ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳା

ସମ୍ବଲପୁର,୧୯।୧(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଏବଂ ସମାଜଶାସ୍ତ୍ର ବିଭାଗ ଦ୍ୱାରା ସାମାଜିକ ଲିଙ୍ଗ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଛି। ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ୟାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ପ୍ରଫେସର ଆଶା ହଂସ, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ ୱମେନ ଷ୍ଟଡିଜ ପ୍ରତିଷ୍ଠାପକ ନିର୍ଦ୍ଦେଶକ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ପବ୍ଲିକ ଏଡମିନିଷ୍ଟ୍ରେସନ ବିଭାଗ ପୂର୍ବତନ ପ୍ରଫେସର ରବୀନ୍ଦ୍ର ଗରଦା, ସମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ. ତନୟା ମହାନ୍ତି ସମ୍ମାନୀତ ଅତିଥି ଥିଲେ।

ମୁଖ୍ୟ ଅତିଥି ପ୍ରଫେସର ପାଣ୍ଡେ କହିଥିଲେ, ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ଉନ୍ନୟନ ଓ ଖଣିଜ ଉତ୍ତୋଳନର ପ୍ରଭାବ ସର୍ବାଧିକ। ଯାହାକି ମହିଳାମାନଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିଛି। ଏହି ମହିଳାମାନେ କେବଳ ଜଳବାୟୁ ସଙ୍କଟର ଶିକାର ନୁହେଁ, ବରଂ ସେମାନେ ଏହା ବିରୋଧରେ ସବୁଠାରୁ ସକ୍ରିୟ ଓ ପ୍ରଭାବଶାଳୀ ପରିବର୍ତ୍ତନ ଆଣୁଥିବା ନେତୃତ୍ୱଭାବେ ଆଗକୁ ଆସିଛନ୍ତି। ପୋଲିସ ଦମନ, ମିଥ୍ୟା ମାମଲା ଓ ଭୟଭୀତ କରିବାସତ୍ତ୍ୱେ ମହିଳାମାନେ ଆଗରେ ଥାଇ ନିଜ ଗ୍ରାମ ଓ ପରିବେଶକୁ ରକ୍ଷା କରିଛନ୍ତି। ଏହି ଆନ୍ଦୋଳନରେ ମହିଳା ନେତୃତ୍ୱ ଜଳବାୟୁ ନ୍ୟାୟ ଓ ସାମାଜିକ ନ୍ୟାୟର ଗଭୀର ସମ୍ପର୍କକୁ ପ୍ରକାଶ କରେ। ନିୟମଗିରି ପାହାଡ଼ ଅଞ୍ଚଳର ଡଙ୍ଗରିଆ କନ୍ଧ ଆଦିବାସୀ ମହିଳାମାନେ ତାଙ୍କର ପାହାଡ଼କୁ ଦେବତା ସମାନ ମାନି ଖଣିଜ ଉତ୍ତୋଳନ ବିରୋଧରେ ସଂଘର୍ଷ କରିଛନ୍ତି। ତାହା କେବଳ ପରିବେଶ ସୁରକ୍ଷା ନୁହେଁ, ଆଦିବାସୀ ପରିଚୟ, ସଂସ୍କୃତି ଓ ଆତ୍ମସମ୍ମାନର ସୁରକ୍ଷା ସହ ଗଭୀର ଭାବେ ଜଡ଼ିତ। ଏହି ମହିଳାମାନଙ୍କର ସାମୂହିକ ସଙ୍ଗଠନ, ସ୍ଥାନୀୟ ଜ୍ଞାନ ଓ ପ୍ରକୃତି ସହ ଆତ୍ମିକ ସମ୍ପର୍କ ଜଳବାୟୁ ପରିବର୍ତ୍ତନ ପ୍ରତି ଏକ ବିକଳ୍ପ ଓ ସ୍ଥାୟୀ ଦୃଷ୍ଟିକୋଣ ପ୍ରଦାନ କରେ। ତେଣୁ ମହିଳାମାନେ ଜଳବାୟୁ ଆଲୋଚନାର ପାର୍ଶ୍ୱ ଚରିତ୍ର ନୁହେଁ, ବରଂ ସେମାନେ ପରିବେଶ ସୁରକ୍ଷା, ସମୁଦାୟ ଗଢ଼ଣା ଓ ସ୍ଥାୟୀ ଉନ୍ନୟନର କେନ୍ଦ୍ର ବିନ୍ଦୁ। ଏହି ଅନାମିକା ଜଳବାୟୁ ସେନାନୀମାନଙ୍କ ଅନୁଭବ ଓ ନେତୃତ୍ୱକୁ ନୀତି ନିର୍ମାଣ ପ୍ରକ୍ରିୟାରେ ସାମିଲ କରିବା ଆଜିର ସମୟର ଏକ ଆବଶ୍ୟକତା ବୋଲି ପ୍ରଫେସର ପାଣ୍ଡେ ମତବ୍ୟକ୍ତ କରିଥିଲେ।

ପ୍ରଫେସର ହଂସ ଦକ୍ଷିଣ ଏସିଆରେ ଜଳବାୟୁ ପରିବର୍ତ୍ତନ କେବଳ ପରିବେଶୀୟ ସମସ୍ୟା ନୁହେଁ, ବରଂ ଏହା ସାମାଜିକ ଅସମତା, ଦାରିଦ୍ର୍ୟ ଓ ସାମାଜିକ ଲିଙ୍ଗ ଭିତ୍ତିକ ଅସୁରକ୍ଷାକୁ ଆହୁରି ଗଭୀର କରୁଛି। ପ୍ରଫେସର ଗରଦା କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମାଜର ସମସ୍ତ ଶ୍ରେଣୀ ଉପରେ ସମାନ ଭାବେ ପଡ଼େନାହିଁ। ଏହା ସାମାଜିକ ଲିଙ୍ଗ ଆଧାରିତ ଅସମତାକୁ ଆହୁରି ପ୍ରକାଶ କରିଥାଏ। ପ୍ରଫେସର ତ୍ରିପାଠୀ ମହିଳା ସମସ୍ୟାକୁ ବୁଝିବା ପାଇଁ ନାରୀବାଦୀ ସିଦ୍ଧାନ୍ତ, ସାମାଜିକ ଲିଙ୍ଗ ଓ ଉନ୍ନୟନ ସିଦ୍ଧାନ୍ତ ଗୁରୁତ୍ୱପୂର୍ଣ୍ଣ। ପିତୃସତ୍ତାମୂଳକ ମନୋଭାବ ମହିଳାମାନଙ୍କୁ ଅଧିକ ଅସୁରକ୍ଷିତ କରେ। ଡ. ମହାନ୍ତି ଜଳବାୟୁ ପରିବର୍ତ୍ତନ ଫଳରେ ଜଳ ସଙ୍କଟ ତୀବ୍ର ହେଉଛି। ଏହି ସମୟରେ ସବୁଠାରୁ ଗୁରୁତର ପ୍ରଭାବ ମହିଳାମାନଙ୍କ ଉପରେ ପଡୁଛି ବୋଲି କହିଥିଲେ। ଲିଙ୍ଗ ଆଧାରିତ ହିଂସା, ଘରୋଇ ହିଂସା ଓ ମାନବ ତସକରିର ଝୁମକି ବଢ଼ିଯାଏ। ଜୀବିକା ହାରାଇବା, ମାନସିକ ଚାପ ଓ ଆଇନଗତ ସୁରକ୍ଷାର ଅଭାବ ମହିଳାମାନଙ୍କୁ ଆହୁରି ଅସୁରକ୍ଷିତ କରେ। ଏହି କାରଣରୁ ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ନୀତିରେ ସାମାଜିକ ଲିଙ୍ଗ-ସମ୍ବେଦନଶୀଳ ଆଭିଗମ ଅତ୍ୟାବଶ୍ୟକତା ରହିଛି ବୋଲି କହିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ବନିତା ମହାନନ୍ଦିଆ କର୍ମଶାଳାକୁ ପରିଚାଳନା କରିଥିବାବେଳେ ସମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ.ମୀରା ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଏବଂ ବିଭାଗର ଅଧ୍ୟାପକ ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା, ପ୍ରଫେସର ମୋନାଲିଶା କୁହିଆ, ପ୍ରଫେସର ଝରଣା ମିଶ୍ର, ଲିଜା ସାହୁ, ସୁଦୀପ ନାୟକ, ଡ. ଶିଳ୍ପୀ ସ୍ମିତା ପଣ୍ଡା, ଲକିରଣୀ ପଣ୍ଡା, କମଳକାନ୍ତ ପରିଡା ଓ ବିଭାଗର ଗବେଷକ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ରାଜନୀତି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।


ଜିଏମ୍‌ୟୁରେ ଆୟୋଜିତ ଅନ୍ତର୍ଜାତୀୟ କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

# ଦଳପତି ମହାସଭାର ୨୬ତମ ବୈଠକ

ରାଉରକେଲା,୧୯।୧
(ବିପ୍ଳବ ରଞ୍ଜନ ଦାଶ):

ଦଳପତି ମହାସଭା ରାଉରକେଲା ଶାଖାର ୨୬ତମ ସାଧାରଣ ବୈଠକ ସେକ୍ଟର-୨୦ କମ୍ୟୁନିଟି ସେଣ୍ଟରରେ ରବିବାର ବ୍ରଜ ସୁନ୍ଦର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବିବେକାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ପ୍ରସାଦ ପାତ୍ର ଦଳପତି ଜାତିର ଗୌରବ ଗାଥା ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ବିଶ୍ୱଜିତ ଜେନା ସମ୍ପାଦକୀୟ ବିବରଣୀ ଏବଂ କୋଷାଧ୍ୟକ୍ଷ ସୁଦର୍ଶନ ମହାନ୍ତି ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଶ୍ରବଣ କୁମାର ଦଳେଇ, ଲୋକେଶ ରାଉତ ପ୍ରମୁଖ ସମାଜକୁ ଆଗେଇ ନେବା ପାଇଁ ପ୍ରେରଣା ଦେଇଥିଲେ। ଉପସଭାପତି କାଳିଦାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା ଏବଂ ସୁଶାନ୍ତ ଦଳେଇ, ଲକ୍ଷ୍ମୀଧର ନାୟକ ଓ କୃଷ୍ଣ ରାଉତ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।




ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶ୍ରମିକ କୃଷକ ସଂହତି ଦିବସରେ ବିକ୍ଷୋଭ

ରାଉରକେଲା,୧୯।୧(ସଙ୍ଗୀତା ଜେନା)

୧୯୮୨ ଜାନୁଆରୀ ୧୯ ତାରିଖରେ ପ୍ରଥମ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପାଳନ ସମୟରେ ପୋଲିସ ଗୁଳିରେ ୧୨ ଜଣ ଶ୍ରମିକ, କୃଷକ ଓ କ୍ଷେତ ମଜଦୁର ପ୍ରାଣ ହରାଇଥିଲେ। ଏହି ଦିବସକୁ ପ୍ରତିବର୍ଷ ଶ୍ରମିକ-କୃଷକ ସଂହତି ଦିବସ ଭାବେ ସିଆଇଟିୟୁ, କୃଷକ ସଭା ଓ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ଦେଶବ୍ୟାପୀ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଆର୍‌ଏମ୍‌ସି ଅଫିସ ସମ୍ମୁଖରୁ ଶ୍ରମିକ, କୃଷକ, କ୍ଷେତ ମଜଦୁରମାନଙ୍କ ଏକ ଶୋଭାଯାତ୍ରା ବାହାରି ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି କହିଲେ, ଶ୍ରମିକମାନଙ୍କ ସମସ୍ତ ଶ୍ରମ ଆଇନକୁ ରଦ୍ଦ କରି ସରକାର ଶ୍ରମ କୋର୍ଡ ଲାଗୁ କରିଛନ୍ତି। ଫଳରେ ଏହି ଆଇନ ଶ୍ରମିକମାନଙ୍କୁ ମାଲିକମାନଙ୍କ ପାଖରେ ଗୋଲାମୀ ମଧ୍ୟକୁ ଠେଲି ଦେଇଛି। ଏହି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଫେବୃଆରୀ ୧୨ତାରିଖରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ କର୍ମଚାରୀ ଫେଡେରେଶନ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଛି ବୋଲି ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷକ ସଭା ରାଜ୍ୟ ଉପସଭାପତି ସୁରେନ୍ଦ୍ର ଦାଶ, ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ହୃଦୟାନନ୍ଦ ଯାଦବ, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଶକୁନ୍ତଳା ମହାକୁଡ଼, ଅଜିତ ଏକ୍କା, ଉପେନ୍ଦ୍ର ତ୍ରିପାଠୀ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ଉପେନ୍ଦ୍ର ତ୍ରିପାଠୀ, ଅରୁଣ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ବିନୟ ବେହୁରିଆ, ଅରୁଣ ମହାରଣା, ବିଜୟ ସ୍ୱାଇଁ, ସମ୍ମିତ ସ୍ୱାଇଁ, ମନୋଜ ପଟ୍ଟନାୟକ, ମିହିର ପାତ୍ର, ଅନିରୁଦ୍ଧ ଜେନା, ବଛିରାମ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ସିଗ୍‌ନାଲ କେବୁଲ କାଟିନେଲେ ଦୁର୍ବୃତ୍ତ

ରାଉରକେଲା, ୧୯।୧(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଲୱେ ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା ଷ୍ଟେଶନର ବିରଜାପାଲୀ ନିକଟରେ (କିମି ୪୧୫/୨୧-୨୩) ସୋମବାର ସକାଳୁ କେହି ଦୁର୍ବୃତ୍ତ ଟ୍ରେନ ସିଗନାଲ୍ କେବୁଲ କାଟି ଚୋରି କରିନେଇଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ସିଗନାଲ ମିଳିବାରେ ଅସୁବିଧା ହେବା ଯୋଗୁ ରେଲୱେ କର୍ମଚାରୀମାନେ ତଲାସି କରିଥିଲେ। ଶେଷରେ ଉକ୍ତ ସ୍ଥାନ ଠାବ କରାଯାଇଥିଲା। ଏ ସମ୍ପର୍କରେ ବଣ୍ଡାମୁଣ୍ଡା ଏଆର୍‌ଏମ୍ ଅମିତ ଷଡଙ୍ଗୀଙ୍କୁ ପଚରାଯିବାରୁ ସେ କହିଲେ, ସିଗ୍‌ନାଲ କେବୁଲ ଚୋରି ହୋଇଥିଲେ ମଧ୍ୟ ଟ୍ରେନରେ ସିଗ୍‌ନାଲ ମିଳିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଟ୍ରେନ ଭଳି ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ନେଟୱର୍କରେ ବହୁ ବିକଳ୍ପ ବ୍ୟବସ୍ଥା ରହିଛି। ଫଳରେ କେବୁଲରେ ସିଗ୍‌ନାଲ ପ୍ରଦାନ ସମ୍ଭବ ନ ହେଲେ ପାଇଲଟିଂ କରାଯାଏ ବୋଲି ଏଆର୍‌ଏମ୍ ଷଡଙ୍ଗୀ କହିଥିଲେ।

# ଝିରପାଣି ଚାମ୍ପିୟନ, ବିଜାଡିହି ଉପବିଜେତା



ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ କୃତୀ ଦଳର ଖେଳାଳି।

ରାଉରକେଲା,୧୯।୧(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବ ଭଲିବଲ ପଡ଼ିଆରେ ରବିବାର ସନ୍ଧ୍ୟାରେ ମୁକ୍ତ ବାଳିକା ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନ ଓ ରାଇଜିଂ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଝିରପାଣି, ରଘୁନାଥପାଲୀ, ବିଶ୍ରା ବାଳିକା ଉଚ୍ଚବିଦ୍ୟାଳୟ ବିଜାଡିହି ଓ ସେଣ୍ଟ ପଲ୍ ହମିରପୁର ଆଦି ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଯୁବ ଇଞ୍ଜିନିୟର ଗୌତମ ମିଶ୍ର, ଜାତୀୟ ଭଲିବଲ ଖେଳାଳି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ସରୋଜ ସୁନା ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଚନ୍ଦ୍ରଶେଖର କ୍ରୀଡ଼ା ଅନୁଷ୍ଠାନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଫାଇନାଲ୍ ମ୍ୟାଚ୍ ଝିରପାଣି ଓ ବିଶ୍ରା ବାଳିକା ହାଇସ୍କୁଲ ବିଜାଡିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଟି ସେଟ୍‌ରେ ଝିରପାଣି ଦଳ ଚାମ୍ପିୟନ ହୋଇଥିଲା। ବିଜାଡିହି ଉପବିଜେତା ଏବଂ ରଘୁନାଥପାଲୀ ଦଳ ୩ୟ ସ୍ଥାନ ଅଧିକାର କରିଥିଲା। ସେଣ୍ଟ ପଲ୍ ସ୍କୁଲକୁ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଇସ୍ପାତ କାରଖାନାର ସିଜିଏମ୍ ହିରାଲାଲ ମହାପାତ୍ର, ଶିକ୍ଷୟିତ୍ରୀ ଗ୍ରେସୀ ଡେଭିଡ୍ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ଟ୍ରଫି ଖେଳାଳି ଜୟନ୍ତ ମହାରଣା, କଳିଙ୍ଗ ସ୍ପୋର୍ଟସ ଫେଡେରେଶନ ସମ୍ପାଦକ ସଞ୍ଜୟ ବାବୁଟା, ରେଲୱେ ସ୍ପୋର୍ଟସ କ୍ଲବର ସମ୍ପାଦକ ଆଶିଷ ଶାହା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ସେଟର ଭାବେ ଅଞ୍ଜଳି ଓରାମ, ଆଟାକର ଭାବେ ସ୍ନେହମୟୀ କିଷାନ, ଅଲ୍ ରାଉଣ୍ଡର ଇଭା କିଷାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ରାଇଜିଂ କ୍ଲବର ସମ୍ପାଦକ ଶିଶିର ସାହୁଙ୍କ ସମେତ ସଦସ୍ୟ ଓ କ୍ରୀଡ଼ାପ୍ରେମୀ ସହଯୋଗ କରିଥିଲେ।

# ମଧୁବୈଶ୍ୟ ସମାଜ ପକ୍ଷରୁ ଶୋକସଭା

ରାଉରକେଲା,୧୯।୧(ଦିନେଶ ମିଶ୍ର)

ରାଉରକେଲା ମଧୁବୈଶ୍ୟ ସମାଜର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିପିନ ବିହାରୀ ସାହୁଙ୍କ ଗତ ୧୬ ତାରିଖରେ ପରଲୋକ ହୋଇଛି। ଏହି ପରିପ୍ରେକ୍ଷୀରେ ମଧୁବୈଶ୍ୟ ସମାଜ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଶକ୍ତିନଗରସ୍ଥିତ କାର୍ଯ୍ୟାଳୟରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଦିବଂଗତ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଏହି ଶୋକସଭାରେ କୃଷ୍ଣଚନ୍ଦ୍ର ସାହୁ, ଦିଗମ୍ବର ସାହୁ, ଦିତିକିଷ୍ଟ ସାହୁ, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୩ରେ ସ୍ୱର୍ଗତ ସାହୁ ରାଉରକେଲା ମ୍ୟୁନିସିପାଲ କଲେଜର ପ୍ରିନ୍ସିପାଲ ଭାବେ ଅବସର ନେଇଥିଲେ। ଏହା ପୂର୍ବରୁ ସେ ରାଉରକେଲା ଇସ୍ପାତ କଲେଜ ଓ ବଣ୍ଡାମୁଣ୍ଡା କଲେଜରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ହକି ଖେଳାଳି।

ରାଉରକେଲା,୧୯।୧(ଦିନେଶ ମିଶ୍ର)

**ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା**

ରାଉରକେଲା ସ୍ପୋର୍ଟସ ହଷ୍ଟେଲ ହକି ଖେଳ ପଡ଼ିଆରେ ଆୟୋଜିତ ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତା ଜାନୁଆରୀ ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିଲା। ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଆଜିର ଉଦ୍‌ଯାପନୀ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବୀର ବାହାଦୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳ ୨-୦ ଗୋଲରେ ୟୁପିର ଜୋନପୁରସ୍ଥିତ ବୀର ବାହାଦୂର ସିଂ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ବୀର ବାହାଦୁର ସିଂ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ମହାତ୍ମାଗାନ୍ଧୀ କାଶୀ ବିଶ୍ୱବିଦ୍ୟାଳୟ ତୃତୀୟ ଓ କୀଟ୍ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନରେ ରହି ସର୍ବଭାରତୀୟ ଇଣ୍ଟର ଜୋନ୍ ହକି ପ୍ରତିଯୋଗିତା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ମ୍ୟାଚ୍ ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ବୀର ବିର୍ସା ମୁଣ୍ଡା ହକିଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ କ୍ରୀଡ଼ା ବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ମୁଖ୍ୟ ଅତିଥି, ପୂର୍ବତନ ହକି ତାରକା ସୁମନ କୁମାର ଚୌଧୁରୀ, ଅମୂଲ୍ୟାନନ୍ଦ ବିହାରୀ, ଲୁସିଆ ଏକ୍କା, ଆଶିଷ କୁମାର ପରିଡା, ଦୀପ୍ତିରଞ୍ଜନ ମହାନ୍ତି ଓ ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ୟାପଟେନ ସତ୍ୟ ନାରାୟଣ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ହକି ଇଣ୍ଡିଆ ଓ ହକି ଓଡିଶାର ଅଫିସିଆଲ ହୃଷୀକେଶ ଦାଶ, ରାଜନ ଏକ୍କା, ସତ୍ୟବ୍ରତ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା

ଲୋଇସିଂହା,୧୯।୧
(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କରକଟିଆ ଛକ ନିକଟ ମାନସାପାଲିଠାରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଲୋଇସିଂହା ସେଫ୍ ଫାଇନାନ୍ସର କ୍ଷେତ୍ର କର୍ମଚାରୀ ରଞ୍ଜିତ ଭେଶ୍ରା(୨୮)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ଥାନା ରଏଲା ଗ୍ରାମରେ। ଏ ନେଇ ଏକ ମାମଲା (ନଂ.୨୦/୨୬) ରୁଜୁ ହୋଇଛି।

# ଚିତ୍ରକଳା ପ୍ରଦର୍ଶନୀରେ ୮୦ ଛାତ୍ରୀଛାତ୍ର



ରାଉରକେଲା,୧୯।୧
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଚିତ୍ରକଳା ପ୍ରତିଷ୍ଠାନ ଦୃଷ୍ଟି ପକ୍ଷରୁ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ସେକ୍ଟର-୧୮ସ୍ଥିତ ଗୁରୁ ତେଗ ବାହାଦୁର ସ୍କୁଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି ପ୍ରଦର୍ଶନୀରେ ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ୧୫୦ଟି ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଗୁରୁ ରାମାଶିଷ ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଣ୍ଡାମୁଣ୍ଡା ଦକ୍ଷିଣ ପୂର୍ବ ରେଲୱେର ଏମ୍‌ଏଚ୍‌ଏସ୍ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର କୁମାର ମୁଖ୍ୟ ଅତିଥି, ରାଜେଶ୍ୱରୀ ଆନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚିତ୍ରକଳା ଦେଖିବା ସହ ପିଲାମାନଙ୍କ ମଧ୍ୟରେ ଥିବା ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଦିଲୀପ ଦାସ, ଦିଲୀପ ସିଂ, ସୁରୁ ମାଝୀ, ବିନୋଦ କୌଶଲ ପ୍ରମୁଖ ସହଯୋଗ କରିଥିଲେ।

**ନିରୁଦ୍ଦିଷ୍ଟ**

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ଉଇ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା-୪୯୨୯ ଏବଂ ୪୯୩୦, ତା-୨୭/୦୫/୧୯୭୨, ପ୍ଲଟ୍ ନଂ- ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ୍ ନଂ - ୩୮୦, ଖାତା ନଂ - ୨୯୮, କ୍ଷେତ୍ର - ୨.୩୩ ଏକର, ମୌଜା - ଖାରବେଳ ନଗର, ଭୁବନେଶ୍ୱର।

**TENDER**
**EXTERIOR AND INTERIOR PAINTING.**

The “Z1RWA for their 'Adavit Complex', Bhubaneswar 751024” invites application from Reputed “Paint Manufcturers only” who are engaged in “Turn Key Painting job” to express their EOI (Expression Of Interest) to Paint both the “Exterior and Interior” walls of the complex comprising of apx “13,00,000 ( Thirteen Lakh) Sq ft area.”
For more details, PROCEDURES and Avalabilty of Tender Papers, please connect with: Help Desk Z1-“**helpdesk@z1rwa.com** OR **+91 81051 30275**” within seven days from the date of publishing this notice .
**ESTATE MANAGER**

**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 27/2025-26**
**No : 55/Date 06.01.2026/**

**No.B-953** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

OIPR-
**Sd./- Superintending Engineer**
**Electrical Circle (R&B), Odisha, BBSR**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सुभम कुमार पाण्डे, उम्र–26 वर्ष, उँचाई–5 फीट, 6 ईंच, रंग–सॉवला, पहनावा–कथा रंग का फुल शर्ट एवं काला रंग का पैंट पहने हुए है।
उपरोक्त लापता व्यक्ति सुभम कुमार पाण्डे, उम्र–26 वर्ष, पिता–सुलखन लोहरा, सा0–मण्डाटाड मोराबादी, बरियातु, जिला–राँची जो दिनांक–24.12.2025 को अपने घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में बरियातु थाना सनहा संख्या–21/2025, दिनांक–24.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। **Email ID**(rnc-dcb@jhpolice.gov.in)
पुलिस उपाधीक्षक, सदर, राँची। –9431102090
थाना प्रभारी, बरियातु, राँची। –9431706170
वरीय पुलिस अधीक्षक, राँची
**PR 371052 Police(25-26)#D**

**वरीय पुलिस अधीक्षक का कार्यालय, राँची**
**सर्वसाधारण के लिए सूचना**



नाम–सरस्वती लोहार, उम्र–19 वर्ष, उँचाई–5 फीट, 2 ईंच, रंग–सॉवला, पहनावा–बैंगनी रंग का सूट, भूरा रंग का पायजामा एवं भूरा रंग का स्वेटर पहनी हुई है।
उपरोक्त लापता महिला सरस्वती लोहार, पिता–विजय लोहार, वर्तमान पता–चन्दवे, थाना–पिठौरिया, जिला–रॉची, स्थाई पता–हेसला करमाडीह, थाना–झालदा, जिला–पुरूलिया (पं0बंगाल) जो दिनांक–05.01.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में पिठौरिया थाना सनहा संख्या–27/2026, दिनांक–07.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID**(rnc-dcb@jhpolice.gov.in)
पुलिस उपाधीक्षक, मु0, प्रथम, रॉची। –9431742777
थाना प्रभारी, पिठौरिया, रॉची। –9431706157
वरीय पुलिस अधीक्षक, राँची
**PR 371060 Police(25-26)#D**

**MAHANADI NETRA CHIKITSALAYA-LEPRA SOCIETY**
**PANDAPALI, BIRMAHARAJPUR, SUBARNPUR, ODISHA-767018**

Mahanadi Netra Chikitsalaya-LEPRA Society invites Offers in **Sealed Envelope by Speed Post/Courier at Mahanadi Netra Chikitsalaya-LEPRA Society, Pandapali, Birpaharajpur, Subarnpur, Odisha-767018** for Bid System from interested & eligible bidders for following Tender-

| Tender No: | Tender Name |
|---|---|
| MNC-LEPRA/Tender/2025-26/ 01 | Customized Medical Van |
| | Medical Equipment |

Detailed Tender Documents Available at: https://lepramnc.in/
The bid documents will available from 20th January 2026 to 26th January 2026
Technical & Price Bid will be opened on 27th January 2026 10.00 AM.
Sd./- Medical Superintendent
Mahanadi Netra Chikitsalaya

**Government of Odisha** No.O-2086
**Office of the Superintending Engineer**
**Rural Works Division-I, Nabarangpur**
e-mail - eerwngp@rediffmail.com

Letter No. : 317 Date : 16.01.2026

**e-Procurement Notice**

Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : “B”, “C” & “D” Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.
OIPR-
**Sd./- Executive Engineer**
**Rural Works Division-I, Nabarangpur**

**GOVT. OF ODISHA** No.O-2058
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
email : se_nerwkjr@rediffmail.com
**eProcurement Notice for Road Works**
**Bid Identification No. NCB-39 / RWCKJR / 2025-26**
**No. 237 / Date : 15.01.2026**

ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ସହ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି। ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର 'କ୍ୟାଣ୍ଡି ସପ୍' ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ । ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ୍ ପସନ୍ଦ କରାଯାଇ ନ ଥିଲା। ନେହା ପ୍ରାୟତଃ ତାଙ୍କ ଭାଇ ଟୋନିଙ୍କ ସହ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ୍ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ ନେହା ପଞ୍ଜାବୀ ସଙ୍ଗୀତ କଳାକାର ରୋହନ ପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ୨୦୨୦ଅକ୍ଟୋବରରେ ହୋଇଥିଲା। ସେମାନଙ୍କ ବିବାହ ବିଷୟ ନେଇ ସେତେବେଳେ ଢେର ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗଛରେ ଧକ୍କା ହେଲା ବାଇକ୍, ୨ ମୃତ

**କ.ନୂଆଗାଁ/ବାଲିଗୁଡ଼ା,୧୯।୧(କାଳୀ ପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା କାଣିବାରୁଡ଼ି ଛକ ନିକଟରେ ସୋମବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁଷମା କହଁର (୨୦) ଓ ଆଶୁତୋଷ ପ୍ରଧାନ (୧୯)। ସୂଚନା ଅନୁସାରେ, ଆଶୁତୋଷ ବାଇକ୍‌ରେ ସୁଷମାଙ୍କୁ ବସାଇ ଫିରିଙ୍ଗିଆ ଅଞ୍ଚଳରୁ ଗୁଡ଼ିଙ୍ଗିଆ ଯାଉଥିଲେ। କାଣିବାରୁଡ଼ି ଛକ ନିକଟସ୍ଥ ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସୁଷମା ଗୁରୁତର ଆହତ ହୋଇଥିଲେ। ଖବରପାଇ ସାରଙ୍ଗଗଡ଼ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସୁଷମାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ନଂ.୨୧/୨୬ରେ ଏକ ମାମଲା ରୁଜୁ ହୋଇଛି।

# ବାବୁଙ୍କ ଦକ୍ଷତା ମାପିବେ ସରକାର

**ଭୁବନେଶ୍ୱର,୧୯।୧**
**(ରବିନାରାୟଣ ଜେନା)**

## ତହସିଲଦାରଙ୍କ ପାଇଁ ଆସିବ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିବ ତାକୁ ନେଇ ଗତ ୧୮ମାସ ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନ କରିବା ଓ ପୁରୁଣା ଆଇନକୁ ବନ୍ଦ କରିବା ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ଏବେ ବି ବିବିଧ ପ୍ରମାଣପତ୍ରଠାରୁ ଆରମ୍ଭ କରି ଦାଖଲ ଖାରଜମାମଲାର ଫଇସଲା ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ପାଇବାରେ ଲୋକେ ହଇରାଣ ହରକତ ହେଉଛନ୍ତି। ଆଗାମୀ ଦିନରେ ଲୋକେ ଯେପରି ରାଜସ୍ୱ ସେବା ପାଇବାରେ କୌଣସି ସମସ୍ୟା ନ ଉପୁଜିବ ତାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ବାବୁମାନଙ୍କ ଦକ୍ଷତା ମପାଯିବ। କେଉଁ ତହସିଲଦାର କେଉଁସବୁ ମାମଲାକୁ ତ୍ୱରିତ ସମାଧାନ କରୁଛନ୍ତି ଏବଂ ତାହା ମଧ୍ୟରେ କେତେସବୁ ଗୁଣାତ୍ମକ ସେବା ରହିଛି ତାକୁ ଆଧାର କରି ର୍‍ୟାଙ୍କିଙ୍ଗ ପ୍ରଦାନ କରାଯିବ। ଯେଉଁ ତହସିଲଦାରମାନେ ଅଭ୍ୟାସଗତ ଭାବେ ଠକୁଥିବେ ସେମାନେ ଏହି ର୍‍ୟାଙ୍କିଙ୍ଗରେ ଧରାପଡ଼ିବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବାଦ୍ ଯେଉଁ ଅଧିକାରୀମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ପ୍ରଶଂସାପତ୍ର ସହିତ ପଦୋନ୍ନତି ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାସହିତ ରାଜସ୍ୱ ବିଭାଗରେ ଥିବା ପୁରୁଣା ମାମଲା ହଟାଇବା ସହିତ ରାଜସ୍ୱ ସଂସ୍କାରକୁ ଲୋକାଭିମୁଖୀ କରିବାପାଇଁ ବିଭାଗ ଏଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନେବ ବୋଲି ଜଣାଯାଇଛି।

ଲୋକସେବା ଭବନରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନରେ କେତେକ ସଂସ୍କାର ଅଣାଯିବାପାଇଁ ବିଭାଗ ପକ୍ଷରୁ କେତେକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ ଏବଂ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅଣାଯିବ। ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ ନୂତନ ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନ ଆଣିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ତହସିଲଦାରମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିକଟରେ ଅଣାଯାଇଥିବା ବିଭିନ୍ନ ରାଜସ୍ୱ ସେବା ଓ ନୂତନ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଜିଲ୍ଲାସ୍ତରୀୟ ତହସିଲଦାର, ଭୂ-ବନ୍ଦୋବସ୍ତ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କୁ ନେଇ ଏକ ଆଭାସୀ ବୈଠକ କରାଯିବ। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ରାଜସ୍ୱ ଆୟୁକ୍ତଙ୍କ ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀ ରହିବେ। କେଉଁ ଦିନ କେଉଁ ଅଧିକାରୀଙ୍କୁ ନେଇ ଆଭାସୀ ବୈଠକ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

# ଗାଡ଼ି ଧକ୍କାରେ ହେଟାବାଘ ମୃତ

**କାଳିମେଲା, ୧୯।୧(ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲ୍ଲା କାଳିମେଲା ରେଞ୍ଜ ଅଧୀନ ଥିବା କାଳିମେଲା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୭୨ ନିକଟସ୍ଥ ଶାନ୍ତିନଗରଠାରେ ସୋମବାର ଭୋର ସମୟରେ ଗୋଟିଏ ହେଟାବାଘର ମୃତଦେହ ଜବତ କରାଯାଇଛି। ଏକ ବଡ଼ ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ହେଟାବାଘର ଗୋଟିଏ ଗୋଡ଼, ଲାଞ୍ଜ ଏବଂ ନଖ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। କାଳିମେଲା ଫରେଷ୍ଟର ବିଜୟ କୁମାର ନାୟକ, ଫରେଷ୍ଟର ମୁହାମ୍ମଦ ସେଠୀ ଏବଂ ଅନ୍ୟ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାଳିମେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବତ ହେଟାବାଘର ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଏହା ଏକ ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢ଼େ ୩ଫୁଟ ବୋଲି କାଳିମେଲା ରେଞ୍ଜର ନାୟକ କହିଛନ୍ତି।

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୧୧।୦୧।୧୯୭୫
ତିରୋଧାନ: ୦୯।୦୧।୨୦୨୬

**୰ସଞ୍ଜୟ ଅଗ୍ରୱାଲ**
ଗ୍ରାଣ୍ଡରୋଡ୍, ପୁରୀ

-:ଶୋକସନ୍ତପ୍ତ:-
ଅଜୟ ଅଗ୍ରୱାଲ, ନମନ ଅଗ୍ରୱାଲ, ଅକ୍ଷତ ଅଗ୍ରୱାଲ, ଅଭୟ ଅଗ୍ରୱାଲ ଓ ଅର୍ଶିକା ଅଗ୍ରୱାଲ

### ଦଶାହ ଉପଲକ୍ଷେ



**୰ଶରତ ଚନ୍ଦ୍ର ମହାନ୍ତି**
(ପୂର୍ବତନ କୃଷି ଅଧିକାରୀ)
ଗ୍ରାମ- ନାଉଲୋ, ଅଙ୍ଗରଗଡ଼, କନ୍ଦର୍ପିସିଂପୁର
ଆବିର୍ଭାବ- ୫୪।୦୩।୧୯୪୫
ତିରୋଧାନ- ୧୧।୦୧।୨୦୨୬

ଆଜି ତାଙ୍କର ଦଶାହ ଅବସରରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଭାଇ- ଅଶୋକ, ଶିଶିର ଓ ସଚ୍ଚିଦାନନ୍ଦ ଏବଂ ବନ୍ଧୁ ଓ ପରିବାରବର୍ଗ।


# ୨୧ରୁ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୧୯।୧ (ଅନୁରାଧା ମହାରଣା)**

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଜନତା ମଇଦାନରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଓୟୁଏଟି ଭେଟେରିନାରି କଲେଜ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମାଛ ଚାଷ, କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏକ୍ଷେତ୍ରରେ ଚାଷୀଙ୍କ ଉତ୍ସାହିତ କରିବା ସହ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଉପସ୍ଥିତ ରହିବେ। ଚଳିତ ବର୍ଷର ଥିମ୍ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'। ସମାବେଶରେ ପ୍ରତି ବ୍ଲକରୁ ୨୬ଜଣ ଲେଖାଏ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଜଣ ଶ୍ରେଷ୍ଠ ଅଧିକାରୀ ଏବଂ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ୨୧ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜିତ ହେବ। ସମାବେଶରେ ୧୨ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ଟି ହ୍ୟାଙ୍ଗରରେ ପ୍ରାୟ ୨୦୮ ଷ୍ଟଲରେ ମତ୍ସ୍ୟ, ପ୍ରାଣିପାଳନ, ବିଜ୍ଞାନ ଭିତ୍ତିକ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମୋନଷ୍ଟ୍ରେସନ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଆକର୍ଷଣୀୟ କରିବା ପାଇଁ ଚିଲିକାର ବୁଢ଼ି ମାଛି, ଷଣ୍ଢ ପ୍ରଜାତିର ଏବଂ ଉତ୍ତର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗନୁର ଗାଈ ଓ ଗୁଜରାଟରୁ କାଙ୍କରେଜ ଷଣ୍ଢ ଆସୁଛି। ୨୩ ତାରିଖ ସକାଳ ୮ଟା ୩୦ରେ ଡଗ ଶୋ ଓ ସନ୍ଧ୍ୟା ୬ଟା ୩୦ରେ ପେଟ୍ ଫ୍ୟାଶନ ଶୋ ହେବ।


### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀଜିତ୍ ପଟ୍ଟନାୟକ (ରାଜ)**
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର

## THE KOSALA SCHOOL
Estd.- 1979
An English Medium Residential Public School
(CBSE Affiliation No. 1530005)
NUA-KHAIRPALI, PO- LARASARA, DIST- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6371537828 / 6371532877 / 6370708544 / 9777706828

**KOSALA ENTRANCE TEST 2026-2027**

- Admissions open for classes UKG to Std- IX & XI for **Boarders**. Few seats are available from Balvatika-1 to Std-IX & XI for **Day Scholars**.
- Interested candidates are to appear Entrance Test in English, Mathematics, and General Knowledge. Entrance Test for Boarders :- 22.02.2026 Entrance Test for Day Scholars :- 01.03.2026
- Candidates qualified in Entrance Test will get admission strictly on merit basis.
- Enquiry time over phone - 09.00am to 1.00 P.M. on all working days.
- Entrance test timings - 10.30 A.M. to 12.30 P.M., Reporting Time- 09.00 A.M.
- Selling of Admission Forms will start from 23rd January 2026 onwards.

Sd/- (Principal)



# Classified Everyday
0674-2580101, 9692975378



**REAL ESTATE**
**SALE**

Semi-Commercial Land for Sale At ଆଣ୍ଡୁଳ, Near ସିଦ୍ଧିପା High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣା. Area- 16,500 Sqft. (30Lakhs Only) Direct Owner. 7978551614. D-3115

11decimal (4800 Sqft.) Commercial/ residential plot facing NH and having side road near Kathagada bypass, Dhenkanal is ready for sale. Contact: Mob- 9437521402/ 9337769022. D-3149

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଅଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳିବ। 9692439755, 7325891140. D-3023

**PURCHASE**

Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week. D-75859

**AFFIDAVIT**

By virtue of an affidavit sworn before Notary Public, Daringbadi, dated- 22.11.2025, I, Jakab Pradhan, Address: Village- Katabadi, P.O.- Partamaha, P.S.- Daringbadi, Dist.- Kandhamal, Odisha, PIN- 762104 declare that I have changed the name of my son from Rupesh Pradhan (Old name) to Rishant Pradhan (New name). Henceforth, he shall be known as Rishant Pradhan (New name) for all purposes.
Jakab Pradhan D-3147

By virtue of an affidavit sworn before the Executive Magistrate, Saintala, Dtd.- 16.05.2025, I, Prafulla Kumar Nag, S/o.- Late Arakhita Nag, R/o. Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, he shall be known as Pratyush Kumar Nag for all purposes.
Prafulla Kumar Nag D-3148

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dtd.- 12.01.2026, I, Kunti Dighal, D/o.- Yakub Dhanuwar, wife of Alboo Digal, Residential address: Sahid Laxman Behera Basti, IRC Village, P.S.- Nayapalli, Bhubaneswar, Dist.- Khordha, PIN- 751015, my name wrongly mentioned in Aadhaar card xxxx xxxx 2236 Saraswoti Digal. I declare that I have one name KUNTI DIGHAL. Henceforth, I shall be known as Kunti Dighal for all future purposes. D-3150

By virtue of an order dt. 30th day of June 2017 of Hon'ble Civil Judge (JD) Nimapara, in Civil Suit No. 36 of 2017, the father of Suratha Chandra Jena, Village- Durgapur, P.O.- Dakhinaradas, P.S.- Balanga, Dist.- Puri shall be known as Muralidhar Jena instead of Giridhari Jena for all purpose. A Gazette Notification in this regard shall be published for necessary correction in all official and non-official records. D-3154

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡ୍‌ରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## LEGAL NOTICE

Letter No. 84, dated- 16.01.2026
ନୋଟିସ
ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.) ଅତିରିକ୍ତ ରିଭିଜନ୍ କୋର୍ଟ ନଂ.- ୪, ଚତୁର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୨୧୨/୨୦୨୫
ଜୟଶ୍ରୀ ମାଝି ........ବାଦୀ
ବନାମ
ସେଟଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .....ପ୍ରତିବାଦୀ ସମୂହ
ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୫- ସୋମନାଥ ସୁନ୍ଦରାୟ, ପିତା- ୰ଭଗି ସୁନ୍ଦରାୟ, ପ୍ରତିବାଦୀ ନଂ.୬- ଲକ୍ଷ୍ମୀଧର ସୁନ୍ଦରାୟ, ପିତା- ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ଉଭୟଙ୍କର ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ପ୍ରତିବାଦୀ ନଂ.୭- ନାରାୟଣ ଓରଫ ନାରଣ ସୁନ୍ଦରାୟ, ପିତା- ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ସା- ବାଲିଅନ୍ତା, ପୋ- ଦାଡ଼ା, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୮- ପୁରୁଷୋତ୍ତମ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୯- ଅଧିକାରୀ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୦- ଭାଗୀରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୧- ଦାଶରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୨- ମନ୍ଥରା ବେଓ୍ୱା ଓରଫ ସୁନ୍ଦରାୟ, ସ୍ୱାମୀ- ୰ମୋହିନି ଓରଫ ମହନ ସୁନ୍ଦରାୟ, ପ୍ରତିବାଦୀ ନଂ.୧୩- କୁଞ୍ଜ ସୁନ୍ଦରାୟ, ପିତା- ଗୋପୀ ସୁନ୍ଦରାୟ, ପ୍ରତିବାଦୀ ନଂ.୧୪- ବିଚାରକ ପ୍ରଧାନ, ପିତା- ମହନ ପ୍ରଧାନ, ପ୍ରତିବାଦୀ ନଂ.୧୫- ଲିଙ୍ଗରାଜ ପ୍ରଧାନ, ପିତା- ମୋହନ ଓରଫ ମହନ ପ୍ରଧାନ, ପ୍ରତିବାଦୀ ନଂ. ୮, ୯, ୧୦, ୧୧, ୧୨ ଓ ୧୫ଙ୍କର ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭମାନେ ପ୍ରତିବାଦୀ ହିସାବରେ ନଂ. ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୁପେ ରହିଅଛି କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଯାଇ ମଧ୍ୟ ତୁମ୍ଭମାନେ ଗ୍ରହଣ କରୁନାହିଁ। ଆଜେ ବାଦୀ ବାରମ୍ବାର ଚେଷ୍ଟାକରି ମଧ୍ୟ ପ୍ରତିବାଦୀମାନେ ଜୀବିତ କି ମୃତ ଜାଣିପାରୁନାହିଁ। ଯଦି ପ୍ରତିବାଦୀମାନେ ଜୀବିତ ନାହାନ୍ତି ତେବେ ସେମାନଙ୍କ ଉତ୍ତରାଧିକାରୀମାନେ ଏବଂ ଯଦି ପ୍ରତିବାଦୀ ଜୀବିତ ତେବେ ନିଜେ ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା ୨୩।୦୨।୨୦୨୬ରିଖରେ ୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ/ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ। ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନଂ.୩୩ମଧ, ମୌଜା- ଭୁଆଷୁଣୀ। ସାବକ ଖାତା- ମୂଳ ସାବକ ଖାତା ୨୨୦ ସାବକ ପ୍ଲଟେସନ୍ ଖାତା ନଂ.୨୨୮/୧୪୪, ସାବକ ପ୍ଲଟ୍- ୫୧୩, ଏରିଆ- ଏ ୧.୭୨୫ ସ୍ଥ ଏ ୦.୦୩୦, ହାଲ୍ ଖାତା- ୧୫୨୨, ହାଲ୍ ପ୍ଲଟ୍- ୨୨୪୪, ଏରିଆ- ୦.୦୯୫ ସ୍ଥ ଏ ୦.୦୩୦।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ସ୍ଥାନ: ଭୁବନେଶ୍ୱର
ତାରିଖ:
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧
ଶ୍ରୀମତୀ କନକଦମ୍ପା ମେହେର, ଓ.ଏସ୍.ଏସ୍. (ଏସ୍.ଏ.ଜି),
ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ. - ୧୧୧୭/୨୦୨୨
ସୂର୍ଯ୍ୟକାନ୍ତ ବିଶୋଇ ଏବଂ ଅନ୍ୟ ଜଣେ .........ବାଦୀ /ଦରଖାସ୍ତକାରୀ
ବନାମ
ଦେବରାଜ ନାୟକ ଓ ଅନ୍ୟମାନେ .........ପ୍ରତିବାଦୀମାନେ/ଅପରପକ୍ଷ
ନୋଟିସ୍ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧) ଦେବରାଜ ନାୟକ, ପିତା- ୰ ଜଇ ନାୟକ, ୨) ଉପେନ୍ଦ୍ର ନାୟକ, ପିତା- ୰ ଜଇ ନାୟକ, ୩) ଗୁଣ୍ଡୁନା ନାୟକ, ସ୍ୱାମୀ- ଦେବରାଜ ନାୟକ, ପିତା- ୰ ଜୟୀ ନାୟକ, ଠିକଣା- ସା- କୁଳିଆହଳ, ପୋ/ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪) କୁଳମଣୀ ବେହେରା, ସ୍ୱାମୀ- ଡମରୁଧର ବେହେରା, ପିତା- ୰ ଜୟୀ ନାୟକ, କ୍ର.ନଂ. ୧), ୨) ଓ ୪)ଙ୍କ ଠିକଣା- ସା- ଚଉକେଶିହାଲି, ପୋ- ରଘୁନାଥପୁର, ଥା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫) ଅଚ୍ୟୁତ ନାୟକ, ପିତା- ହାଡୁ ନାୟକ, ଠିକଣା: ସା- ପଥରଗାଡ଼ିଆ, ପୋ- ଦାରୁଠେଙ୍ଗ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬) କାମିନୀ ବେହୁରା, ସ୍ୱାମୀ- କୁନାଳ ବେହୁରା, ପିତା- ମହେଶ୍ୱର ନାୟକ, ଠିକଣା- ସା- ଘଙ୍ଗାପାଟଣା, ପୋ- ପାଇକରାପୁର, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭) ଦିଗମ୍ବର ମଲ୍ଲ, ପିତା- କୃଷ୍ଣଚନ୍ଦ୍ର ମଲ୍ଲ, ଠିକଣା: ସା- ବଲ୍ଲଭପୁର, ପୋ/ଥା- ସାଲେପୁର, ଜିଲ୍ଲା- କଟକ

ନୋଟିସ
ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ତ୍ରୁଟିର ପ୍ରକାଶରେ ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ବଶତଃ ଫେରସ୍ତ ଆସିଅଛି। ଏଣୁ ଉପରୋଲ୍ଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା.୧୧.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୦, ମୌଜା- ପଥରଗାଡ଼ିଆ, ହାଲ୍ ଖାତା ନଂ. ୨୮, ହାଲ୍ ପ୍ଲଟ୍ ନଂ. ୪୪୦୧, ରକବା- ଏ୦.୩୭୦ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ ଯାହାର ସାବକ ଖାତା ନଂ. ୩୮୭, ସାବକ ପ୍ଲଟ୍ ନଂ. ୧୧୧୧, ଏରିଆ ଏ୦.୧୭୯ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କ ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମା ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତାରିଖ:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

# ଫିଡ୍‌ବ୍ୟାକ୍

**ଘରେ ହେଉ କି ବାହାରେ ଲୋକେ କ'ଣ କହିବେ ସେଥିପାଇଁ ଆମେ ଖୁବ୍ ବ୍ୟସ୍ତ ହୋଇପଡୁ। ଖାସ୍ ଏଇଥି ପାଇଁ ତ ମହିଳାମାନେ ଭିନ୍ନ ଭିନ୍ନ ଭୂମିକାରେ ନିଜକୁ ସାବ୍ୟସ୍ତ କରିବା ଲାଗି ଖୁବ୍ ଚେଷ୍ଟା କରନ୍ତି। ଆଉ ସମସ୍ତଙ୍କଠାରୁ ପଜିଟିଭ୍ ଫିଡ୍‌ବ୍ୟାକ୍ ଆଶା କରିଥାନ୍ତି। କିନ୍ତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ବଦଳରେ ନିଜେ ସନ୍ତୁଷ୍ଟ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ...**



ନିଜ କାମର ଫିଡ୍‌ବ୍ୟାକ୍ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ସାଧାରଣତଃ ମହିଳାମାନେ ଘରେ, ବାହାରେ ଓ ଅଫିସରେ କାମ କରନ୍ତି। ସବୁ ସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଶୁଣିବାର ଇଚ୍ଛା ବି ରଖିଥାନ୍ତି। କିନ୍ତୁ ସବୁ ଦାୟିତ୍ୱରେ ସଫଳତାର ସହିତ ଆଗକୁ ଯିବାକୁ ହେଲେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ। ଆଉ ଏଥିପାଇଁ ଅନ୍ୟମାନଙ୍କ ତୁଳନାରେ ନିଜକୁ ନିଜେ ଫିଡ୍‌ବ୍ୟାକ୍ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପରିବାରରେ ନାରୀଟିଏ ଭିନ୍ନ ଭିନ୍ନ ଭୂମିକାରେ ନିଜର ଦାୟିତ୍ୱ ନିର୍ବାହ କରିଥାଏ। ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ନିଜର କର୍ତ୍ତବ୍ୟ ପୂରଣ କରିବାକୁ ଯଥାସମ୍ଭବ ପ୍ରୟାସ ବି କରିଥାଏ। ବିଭିନ୍ନ ପ୍ରକାରର କାମ କରିବା ପରେ ନିଜ ଅବଦାନକୁ ନେଇ ସମସ୍ତଙ୍କ ଠାରୁ ଏକ ସକାରାତ୍ମକ ଫିଡ୍‌ବ୍ୟାକ୍‌ର ଆଶା କରିଥାଏ। ଅନୁରୂପଭାବେ କର୍ମଜୀବୀମାନେ ବି ନିଜ ସହକର୍ମୀ ତଥା ବସ୍‌ଙ୍କଠାରୁ ଏମିତି ଏକ ଫିଡ୍‌ବ୍ୟାକ୍ ଇଚ୍ଛା ରଖନ୍ତି। କିନ୍ତୁ ସବୁ ସମୟରେ ଓ ସବୁସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଯେ ମିଳିବ ତାହା ହୋଇ ନ ପାରେ। ତେଣୁ ସବୁ କ୍ଷେତ୍ରରେ ଅନ୍ୟର ଫିଡ୍‌ବ୍ୟାକ୍ ତୁଳନାରେ ନିଜକୁ ନିଜେ ବୁଝେଇ ସନ୍ତୁଷ୍ଟ ରହିବା ଦରକାର। ଏପରି ଭାବନା ରହିଲେ ଆତ୍ମସନ୍ତୋଷ ରହିବା ସହ ଅନ୍ୟମାନଙ୍କ ଠାରୁ କୌଣସି ଆଶା ରହିବନି ଯାହାଫଳରେ ସମ୍ପର୍କ ବି ଠିକ୍ ରହିବ। ତେଣୁ ଫିଡ୍‌ବ୍ୟାକ୍‌କୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ। ଏଥି ନିମନ୍ତେ କେଉଁ ସବୁ ଦିଗପ୍ରତି ଧ୍ୟାନ ରଖିବାକୁ ହେବ ଜାଣନ୍ତୁ।





## ନିଜକୁ ମାନ୍ୟତା ଦିଅନ୍ତୁ

ବେଳେବେଳେ ଅନ୍ୟମାନଙ୍କ ମତାମତକୁ ନେଇ ମନ ବିଚଳିତ ହୋଇଯାଏ। ନିଜ ବିଷୟରେ ନକାରାତ୍ମକ କଥା ଶୁଣି ଆତ୍ମବିଶ୍ୱାସ କମିଯାଏ। ତେଣୁ ପ୍ରଥମ କଥା ହେଉଛି ନିଜକୁ ମାନ୍ୟତା ଦିଅନ୍ତୁ। ଅର୍ଥାତ୍ ନିଜ କାମ କି ବ୍ୟବହାରରେ ସେଭଳି କିଛି ତ୍ରୁଟି ନାହିଁ ଓ ଆପଣ ଯଥାସମ୍ଭବ ଚେଷ୍ଟା କରିଛନ୍ତି ବୋଲି ଭାବିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ନିଜର ଛୋଟ ଛୋଟ ଖୁସିକୁ ଏନ୍‌ଜୟ କରନ୍ତୁ। ଆତ୍ମସମ୍ମାନ ବଢ଼ାଇବାର ଏହା ଏକ ସୁନ୍ଦର ଉପାୟ। ଏପରି ହେଲେ ଧୀରେ ଧୀରେ ଅନ୍ୟମାନେ ବି ଆପଣଙ୍କୁ ସ୍ୱୀକାର କରିବା ଆରମ୍ଭ କରିବେ। ତେଣୁ ଅନ୍ୟମାନଙ୍କ ସ୍ୱୀକୃତି ବଦଳରେ ନିଜର ସ୍ୱୀକୃତି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ।

## ଦାୟିତ୍ୱ ବାଣ୍ଟନ୍ତୁ

ପରିବାର ତଥା କର୍ମକ୍ଷେତ୍ର ଓ ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ନିଜର କାମ କରିବାକୁ ପଡ଼ିଥାଏ। ସବୁ ସ୍ଥାନରେ ସମସ୍ତଙ୍କର ଶହେ ପ୍ରତିଶତ ଇଚ୍ଛା ପୂରା କରିବା ସମ୍ଭବ ନୁହେଁ। ତେଣୁ ସବୁ ସ୍ଥାନରେ ଏକ ସନ୍ତୁଳନ ରଖିବାକୁ ହେବ। ଏଥିପାଇଁ ପ୍ରଥମେ ନିଜର ସୀମା ସ୍ଥିର କରନ୍ତୁ। ବାସ୍ତବିକ ରୂପେ ନିଜ ଦାୟିତ୍ୱକୁ ବାଣ୍ଟିବା ଜରୁରୀ। ଏପରି ହେଲେ ଆପଣ ମାନସିକ ଓ ଭାବନାତ୍ମକ ଦୃଷ୍ଟିରୁ ଏକ ସନ୍ତୁଳନ ରକ୍ଷା କରିପାରିବେ। ଫଳରେ ସବୁ ସମ୍ପର୍କରେ ଏକ ସନ୍ତୁଳନ ରକ୍ଷା ହୋଇପାରିବ।

## ପ୍ରକୃତ କାରଣ

ନିଜକୁ ପ୍ରଶ୍ନ କରନ୍ତୁ ଯେ ଯାହା ବି କାମ କରୁଛନ୍ତି, କାହିଁକି କରୁଛନ୍ତି ଅବା ସେହି କାମ ପଛର ଉଦ୍ଦେଶ୍ୟ କ'ଣ। ଯଦି ନିଜର ଖୁସି ପାଇଁ କିମ୍ବା ଦାୟିତ୍ୱ ପୂରା କରିବା ଉଦ୍ଦେଶ୍ୟରେ କୌଣସି କାମ କରୁଥାନ୍ତି ତେବେ ଅନ୍ୟ କାହାର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ସମ୍ପର୍କ ମଜଭୁତ କରିବା ପାଇଁ ଆପଣ ନିଜ ହିସାବରେ ଦାୟିତ୍ୱ ଅନୁସାରେ ହିଁ କାମ କରନ୍ତୁ। ଯଦି ନିଜ ଦାୟିତ୍ୱ ପୂରା କରିବା ନେଇ ନିଜେ ସନ୍ତୁଷ୍ଟ ହୋଇ ପାରୁଛନ୍ତି ତା'ହେଲେ ଅନ୍ୟ ଲୋକଙ୍କ ଫିଡ୍‌ବ୍ୟାକ୍ ନକାରାତ୍ମକ ହେଲେ ବି ଅନୁଶୋଚନା କରନ୍ତୁ ନାହିଁ। ନିଜର ପରିଶ୍ରମ ଓ କାମ ସବୁକିଛି କରିବା କ୍ଷେତ୍ରରେ ଆପଣ ଯଥେଷ୍ଟ ଯୋଗଦାନ ଦେଇଛନ୍ତି, ଏହି ଭାବନା ହିଁ ଆଗକୁ ଅଧିକ ସଫଳତା ପାଇବା କ୍ଷେତ୍ରରେ ସହାୟକ ହୋଇପାରିବ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜ ଉପରେ ଭରସା କରିବା କିନ୍ତୁ ଅନ୍ୟର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ନିଜ କାମକୁ ନେଇ ସନ୍ତୁଷ୍ଟ ରୁହନ୍ତୁ କିନ୍ତୁ ନିଜର ଦୁର୍ବଳତାକୁ ନେଇ ସଚେତନ ବି ରୁହନ୍ତୁ। ଦୁର୍ବଳତାକୁ ଜାଣି ପରିବର୍ତ୍ତନ କରିବା ଦିଗରେ ମଧ୍ୟ ସଚେତନ ରହିବାକୁ ହେବ। ଏଭଳି ହେବା ଫଳରେ ଆପଣ ନିଜର ସବୁ ଭୂମିକାକୁ ନେଇ ସନ୍ତୁଷ୍ଟ ରହିପାରିବେ।

### ଏମାନେ କ'ଣ କରନ୍ତି



**ମନକୁ ବୁଝାଇ ଦେଇଛି:** ବିବାହ ପରେ ଫିଡ୍‌ବ୍ୟାକ୍‌କୁ ନେଇ ଭାରି ବ୍ୟସ୍ତ ଲାଗୁଥିଲା। କାଳେ କେହି କ'ଣ କହିବେ ଭାବି ସବୁବେଳେ ଗୋଟେ ଭୟରେ କାମ କରୁଥିଲି। ହେଲେ କିଛିଦିନ ପରେ ପରିସ୍ଥିତି ସହିତ ନିଜକୁ ବଦଳାଇବାକୁ ବାଧ୍ୟ ହେଇଛି। କାହିଁକି ନା ସବୁବେଳେ ଏକ ଭୟ ମାନସିକତା ଭିତରେ ରହି ମୁଁ ନିଜର କ୍ଷତି କରୁଥିଲି। ଏ ନେଇ ମତେ ପ୍ରଥମେ ମୋ ସ୍ୱାମୀ ବୁଝାଇଥିଲେ। ସେଦିନରୁ ମୁଁ ଜାଣିଥିଲି କି ସମସ୍ତଙ୍କୁ ଶହେ ପ୍ରତିଶତ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ। ତେଣୁ ମୋର କର୍ତ୍ତବ୍ୟ ଅନୁସାରେ ସବୁ କାମ କରୁଛି। କିଏ ଭଲ କହୁ କି ନ କହୁ ସେଥିପ୍ରତି ଆଉ ଏବେ ବେଶି ଚିନ୍ତା କରୁନି।

**– ସ୍ମିତାଞ୍ଜଳି ବେହେରା**
*ଗୃହିଣୀ, ପ୍ରତାପନଗରୀ, କଟକ*



**ଭୁଲ୍ ସୁଧାରିବାକୁ ଚେଷ୍ଟା କରେ:** ଅଧ୍ୟାପିକାଭାବେ କଲେଜରେ ମୋ କାମକୁ ନେଇ କିଏ କ'ଣ କହୁଛି ସେକଥା ଜାଣିବାର ଭାରି ଆଗ୍ରହ ରହୁଥିଲା। କିନ୍ତୁ ଏତେ ବର୍ଷ ଚାକିରି କରିବା ପରେ ଆଉ କାହାର ଫିଡ୍‌ବ୍ୟାକ୍ ପାଇଁ କିଛି ସେମିତି ବିଚଳିତ ହେଉନି। ଏମିତିକି ଆମ ସିନିଅରମାନେ ଯଦି ନେଗେଟିଭ୍ ଫିଡ୍‌ବ୍ୟାକ୍ ଦିଅନ୍ତି ତେବେ ବି ଏତେ ବ୍ୟସ୍ତ ହୁଏନି। ମୋର ଯଦି ପ୍ରକୃତରେ କୌଣସି କ୍ଷେତ୍ରରେ ଭୁଲ୍ ଥାଏ ତା'ହେଲେ ମୁଁ ସ୍ୱୀକାର କରେ ଓ ସେଥିପ୍ରତି ସଚେତନ ହେବନକୁ ଚେଷ୍ଟା କରେ। ଭବିଷ୍ୟତରେ ଭୁଲ୍ ନ କରିବା ଆଉ ଭଲ କାମ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରେ। କଲେଜରେ କାହା ବିଷୟରେ କୌଣସି ଚୁଗୁଲି କରେନି କି କିଏ କିଛି କହିଲେ ସେ କଥାକୁ ଏତେ ଧ୍ୟାନ ଦିଏନି। ଆଉ ବସ୍ ଯଦି କିଛି କହନ୍ତି ତେବେ ତାଙ୍କୁ ପ୍ରକୃତ ସତ୍ୟ ଜଣାଇଥାଏ। ତେଣୁ ସିଏ ମତେ କେବେ ଦୋଷାରୋପ କରନ୍ତି ନାହିଁ। ବରଂ ଅଧିକ ଭଲ କାମ କରିବା ପାଇଁ ପ୍ରେରଣା ଦେଇଥାନ୍ତି।

**– ମଧୁସ୍ମିତା ସ୍ୱାଇଁ**
ଅଧ୍ୟାପିକା, ଭୁବନେଶ୍ୱର





# କମାନ୍ତୁ ସ୍କ୍ରିନ୍ ଟାଇମ୍

**ମୋବାଇଲ ବ୍ୟବହାର ନେଇ ପିଲାଙ୍କର ଆକର୍ଷଣ ଦିନକୁ ଦିନ ବଢିଚାଲିଛି। ସମୟ ଏବେ ଏମିତି ହୋଇଛି ଯେ ଫୋନ୍‌କୁ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା କଷ୍ଟକର ହୋଇପଡିଛି। ଏଭଳି କ୍ଷେତ୍ରରେ ପିଲାଙ୍କର ଫୋନ୍ ବ୍ୟବହାର କମ୍ କରିବା ପାଇଁ କ'ଣ କରିବେ ଜାଣନ୍ତୁ...**



➔ ପିଲାଙ୍କ ପାଇଁ ସେମାନଙ୍କ ସହିତ କଥାବାର୍ତ୍ତା ହୋଇ ଏକ ଟାଇମ୍ ଟେବଲ ସ୍ଥିର କରନ୍ତୁ। ପାଠପଢା ଖେଳକୁଦ ସହିତ ଫୋନ୍ ଦେଖିବାର ଏକ ସମୟ ନିର୍ଦ୍ଦିଷ୍ଟ କରନ୍ତୁ, ଯେପରି ପିଲାମାନେ କେବଳ ସେହି ସମୟ ମଧ୍ୟରେ ଫୋନ୍ ବ୍ୟବହାର କରିବେ। ଏପରି ହେଲେ ଅନ୍ୟ ସମୟରେ ସେମାନେ ନିଜ କାମ କରିବେ।

➔ ପିଲାଙ୍କୁ ଆଉଟ୍‌ଡୋର୍ ଗେମ୍ ନିମନ୍ତେ ଉତ୍ସାହିତ କରନ୍ତୁ। କ୍ରିକେଟ୍, ଫୁଟବଲ୍ ଓ ସାଇକେଲିଂ ଆଦି ବିଭିନ୍ନ ଖେଳପାଇଁ ବ୍ୟବସ୍ଥା କରି ଦିଅନ୍ତୁ। ଫଳରେ ପିଲାମାନେ ଫୋନ୍‌ଠାରୁ କିଛି ସମୟ ଦୂରରେ ରହିବାର ସୁଯୋଗ ପାଇବେ।

➔ ମୋବାଇଲ୍‌କୁ ପିଲାଙ୍କ ପାଇଁ ଏକ ପୁରସ୍କାର ଭଳି ବ୍ୟବହାର କରନ୍ତୁ। ସେମାନେ ହୋମୱାର୍କ କରିସାରିବା ପରେ କିମ୍ବା କୌଣସି ପାଠ ପୂରା କରିସାରିବା ପରେ କିଛି ସମୟ ପାଇଁ ଫୋନ୍ ବ୍ୟବହାର କରିବାର ସୁଯୋଗ ଦିଅନ୍ତୁ। ଏପରି କଲେ ସେମାନଙ୍କର ପାଠପ୍ରତି ଆଗ୍ରହ ବଢ଼ିବ।

➔ ନିଜେ ପିଲାଙ୍କ ସହିତ କିଛି ସମୟ କଟାନ୍ତୁ। ସେମାନଙ୍କୁ ବାହାରକୁ ବୁଲାଇବା ପାଇଁ ନିଅନ୍ତୁ କିମ୍ବା ଖେଳନ୍ତୁ। ଏସବୁ ନ ହେଲେ ସେମାନଙ୍କ ସହିତ କେବଳ ଗପନ୍ତୁ। ଫଳରେ ମୋବାଇଲ୍ ବ୍ୟବହାର କରିବାର ସୁଯୋଗ ପାଇବେ ନାହିଁ ପିଲାମାନେ।

➔ ମୋବାଇଲ୍ ବ୍ୟବହାରର ଖରାପ ପ୍ରଭାବ ସମ୍ପର୍କରେ ପିଲାଙ୍କୁ ବୁଝାନ୍ତୁ। ପିଲାମାନେ ଖରାପ ପ୍ରଭାବ ସମ୍ପର୍କରେ ବୁଝିପାରିଲେ ନିଜେ ଫୋନ୍ ବ୍ୟବହାର କମ୍ କରିବା ନେଇ ସଚେତନ ହୋଇପାରିବେ।

➔ ପିଲାଙ୍କ ଆଗରେ ଅଭିଭାବକମାନେ ନିଜେ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଆବଶ୍ୟକ ହେଲେ ପିଲାଙ୍କୁ ନିଜର ଉଦାହରଣ ଦେଇପାରିବେ।

➔ ଶୋଇବା ସମୟରେ ନିଜେ ଫୋନ୍ ଦେଖନ୍ତୁ ନାହିଁ କି ପିଲାଙ୍କୁ ଦେଖାନ୍ତୁ ନାହିଁ। ତେଣୁ ଶୋଇବା ଘରକୁ ଯିବା ପୂର୍ବରୁ ହିଁ ଫୋନ୍‌କୁ ବାହାରେ ରଖି ଯାଆନ୍ତୁ।

# ରୁମ୍ ହିଟର ବ୍ୟବହାର କରୁଥିଲେ..

**ଶୀତଦିନେ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ପାଇଁ କେତେକେ ରୁମ୍ ହିଟର ବ୍ୟବହାର କରିଥାନ୍ତି। କିନ୍ତୁ ଏହାର ବ୍ୟବହାର କରୁଥିଲେ କେତେକ ଦିଗରୁ ସାବଧାନ ହେବାକୁ ପଡିବ...**




➤ ରୁମ୍ ହିଟରକୁ ଘରର କେଉଁ ସ୍ଥାନରେ ରଖିବେ ପ୍ରଥମେ ତାହା ସ୍ଥିର କରନ୍ତୁ। ଏହାକୁ ଖଟ, ସୋଫା କିମ୍ବା ଘରର ପରଦା ପାଖରେ ରଖନ୍ତୁ ନାହିଁ। ଏପରି ହେଲେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ଏହାକୁ ଘରର ଏକ ଖୋଲା ତଥା ସମତଳ ସ୍ଥାନରେ ରଖନ୍ତୁ ଓ ଧ୍ୟାନ ରଖନ୍ତୁ ଯେପରି ପାଖରେ କୌଣସି ଜଳନଶୀଳ ପଦାର୍ଥ ନ ଥିବ।

➤ ଲୋକେ ବେଳେବେଳେ ରାତିସାରା ରୁମ୍ ହିଟର ଲଗାଇ ଛାଡି ଦିଅନ୍ତି। କିନ୍ତୁ ସେପରି କରନ୍ତୁ ନାହିଁ। ଓଭରହିଟିଂ ହେବାର ଆଶଙ୍କା ମଧ୍ୟ ରହିଥାଏ। ତେଣୁ ଶୋଇବା ପୂର୍ବରୁ ରୁମ୍ ହିଟର ବନ୍ଦ କରି ଦିଅନ୍ତୁ।

➤ ବନ୍ଦ ହୋଇଥିବା ଘରେ ହିଟର ଲଗାନ୍ତୁ ନାହିଁ। ଏପରି ହେଲେ ଘର ଭିତରେ ଅମ୍ଳଜାନର ଅଭାବ ହୋଇଥାଏ। ଫଳରେ ଅଣନିଃଶ୍ୱାସୀ ହେବାର ଆଶଙ୍କା ରହିଥାଏ। ତେଣୁ ଝରକା କିମ୍ବା କବାଟ ଅଳ୍ପ ଖୋଲା ରଖନ୍ତୁ।

➤ ରୁମ୍ ହିଟରରେ ସବୁବେଳେ ଭଲ କ୍ୱାଲିଟିର ସକେଟ୍ ଲଗାନ୍ତୁ। କଟା ହୋଇଥିବା କିମ୍ବା ଖରାପ କ୍ୱାଲିଟିର ଏକ୍ସଟେନଶନ୍ ବୋର୍ଡ ବ୍ୟବହାର କରନ୍ତୁ ନାହିଁ।

➤ ପାଣି ପାଖରେ ଏହାକୁ ରଖନ୍ତୁ ନାହିଁ।

### ସୌନ୍ଦର୍ଯ୍ୟ

# ଶୀତରେ ଗ୍ଲୋଇଂ ମେକ୍‌ଅପ୍

**ଠିକ୍ ଭାବରେ ମେକ୍‌ଅପ୍ ନ ନେଲେ ଶୀତଦିନେ ସୌନ୍ଦର୍ଯ୍ୟ ଖରାପ ହୋଇ ଯାଇଥାଏ। ତେଣୁ ସୁନ୍ଦର ତଥା ଗ୍ଲୋଇଂ ମେକ୍‌ଅପ୍ ନିମନ୍ତେ କେଉଁ ସବୁ ଦିଗ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ଜାଣନ୍ତୁ...**

➔ ପ୍ରଥମେ ମେକ୍‌ଅପ୍ ଲଗାଇବା ପୂର୍ବରୁ ମୁହଁରେ ସବୁଆଡେ ଏକ ପ୍ରାଇମର ଲଗାନ୍ତୁ। ଭିଟାମିନ୍-ଇ ଥିବା ପ୍ରାଇମର ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ତେଣୁ ସବୁବେଳେ ଭଲ କ୍ୱାଲିଟିର ପ୍ରାଇମର ଲଗାନ୍ତୁ।

➔ କ୍ରିମ୍‌ଥିବା ଫାଉଣ୍ଡେଶନ୍ ବ୍ୟବହାର କରନ୍ତୁ। ଏହା ସ୍କିନ୍‌କୁ ଏକ ସୁନ୍ଦର ଲୁକ୍ ଦେବ। କିନ୍ତୁ ସାଧାରଣ ଫାଉଣ୍ଡେଶନ୍ ହେଲେ ଶୀତଦିନେ ଶୁଷ୍କତା କାରଣରୁ ଗାର ପଡିବା ଭଳି ଦେଖାଯିବ।

➔ ସୁନ୍ଦର ମେକ୍‌ଅପ୍ ନିମନ୍ତେ ବ୍ଲଶ୍ କରିବା ମଧ୍ୟ ଜରୁରୀ। ତେଣୁ ୱାର୍ମ ଟୋନ୍ ଥିବା ପିଚ୍ ବ୍ଲଶ ମୁହଁରେ ଲଗାନ୍ତୁ। ଏହାକୁ ହାଲୁକା ଭାବରେ ଲଗାଇବେ। ଅଧିକ ଲଗାଇଲେ ମେକ୍‌ଅପ୍ ଭଲ ଲାଗିବ ନାହିଁ।

➔ ନ୍ୟୁଟଲ ଆଇ ମେକ୍‌ଅପ୍ କରନ୍ତୁ। କାରଣ ଶୀତଦିନେ ସୂର୍ଯ୍ୟାଲୋକ ସବୁବେଳେ ଅଧିକ ଉଜ୍ଜ୍ୱଳ ନ ଥାଏ। ତେଣୁ ଏହି ପ୍ରକାରର ଆଖି ମେକଅପ୍ ମୁହଁକୁ ଅଧିକ ଗ୍ଲୋ ଦେଖାଯିବାରେ ସାହାଯ୍ୟ କରେ। ଆଖି ଚାରିପାଖରେ ପ୍ରାଇମର୍ ମଧ ଲଗାନ୍ତୁ। ୱାର୍ମ ଓ ନ୍ୟୁଡ୍ ଟୋନ୍ ଆଇସାଡୋ ଲଗାନ୍ତୁ।

➔ ଶୀତଦିନେ ଥଣ୍ଡା ପ୍ରଭାବରୁ ଓଠ ଫାଟିବା ଭଳି ସମସ୍ୟା ମଧ୍ୟ ଦେଖା ଦେଇଥାଏ। ତେଣୁ ଏସ୍‌ପିଏଫ୍ ଥିବା ମଶ୍ଚରାଇଜର ଓ ଲିପ୍ ବାମ୍ ଲଗାନ୍ତୁ। ଟେଣ୍ଟେଡ୍ କିମ୍ବା କଲର୍ ଚେଞ୍ଜିଂ ବାମ୍ ବ୍ୟବହାର କରିପାରିବେ। ଶେଷରେ ନ୍ୟୁଡ ମ୍ୟାଟ୍ ଲିପ୍‌ଷ୍ଟିକ୍ କିମ୍ବା ଚିକ୍ ଲିପ୍ ଟିଣ୍ଟ ଲଗାଇ ଓଠରେ ମେକଅପ୍ ଦିଅନ୍ତୁ।

➔ ଶୀତଦିନେ ଖରାଦିନିଆ ମେକଅପ୍ ସାମଗ୍ରୀ ଖରାପ ଲୁକ୍ ଦେଇଥାଏ। ତେଣୁ ତାହାର ବ୍ୟବହାର କରନ୍ତୁ ନାହିଁ।

➔ ଅଧିକ ବ୍ରଞ୍ଜର ଲଗାଇଲେ ମେକ୍‌ଅପ୍ ଖରାପ ଲାଗିଥାଏ। ଏପରି କରନ୍ତୁ ନାହିଁ।

➔ ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ପାଇଁ ଶୀତଦିନେ ଯତ୍ନ ନିଅନ୍ତୁ।

➔ ଭିଟାମିନ୍ ଇ, ସି, ଆଣ୍ଟି ଅକ୍ସିଡାଣ୍ଟ ଓ ଓମେଗା–୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯେପରିକି ବିଭିନ୍ନ ପ୍ରକାରର ମଞ୍ଜି, ସବୁଜ ପନିପରିବା, ଫଳ, କନ୍ଦମୂଳ ଆଦି ଅଧିକ ଖାଆନ୍ତୁ। ଏଭଳି କେତେକ ଖାଦ୍ୟ ସ୍କିନ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।




### ଖାଦ୍ୟରୁଚି

# ବଥୁଆଶାଗ ପରଟା



**ଆବଶ୍ୟକ ସାମଗ୍ରୀ–**
ବଥୁଆ ଶାଗ– ୧ ବିଡା, ଅଟା– ୨୫୦ ଗ୍ରାମ୍, ସିଝା ଆଳୁ– ୧ଟି (ବଡ), ଜୁଆଣି– ଅଧା ଛୋଟ ଚାମଚ, କଞ୍ଚା ଲଙ୍କା– ୪ଟି, ହେଙ୍ଗୁ– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗକୁ ଭଲଭାବେ ବାଛି ସେଥିରେ ଥିବା ପତ୍ରଗୁଡିକୁ ଅଲଗା କରି ଧୋଇ ଦିଅନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଏହି ଶାଗକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଟା ସହିତ କଟା ହୋଇଥିବା ଶାଗ, ସିଝା ଆଳୁ, କଞ୍ଚା ଲଙ୍କା, ଜୁଆଣି, ହେଙ୍ଗୁ ଓ ଲୁଣ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏହାପରେ ପରଟା ଆକାରରେ ଛୋଟ ଛୋଟ କରି ବେଲି ରଖନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲା ହୋଇଥିବା ପରଟାକୁ ପକାଇ ଉପରେ ତେଲ ଦେଇ ବାଦାମୀ ହେବାଯାଏ ସେକି ଦିଅନ୍ତୁ। ଦୁଇପଟ ସେକି ହୋଇଯିବା ପରେ ତାୱାରୁ କାଢି ଦିଅନ୍ତୁ। ତେଲ ବଦଳରେ ଆପଣ ଚାହିଁଲେ ଘିଅ ମଧ୍ୟ ବ୍ୟବହାର କରିପାରିବେ। ସବୁ ପରଟାକୁ ଏହିଭଳି ସେକି ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

# ମେଲବୋର୍ନରେ ଜୋକୋଭିଚ୍‌ଙ୍କ ଶତକ



ନୋଭାକ ଜୋକୋଭିଚ୍

**ମେଲବୋର୍ନ, ୧୯।୧ (ଏପି)** ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୬-୩, ୬-୨, ୬-୨ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ମେଲବୋର୍ନରେ ତାଙ୍କର ଶତକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଫଳରେ ଏହି ୩୮ବର୍ଷୀୟ ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୩ଟିରେ ଶତକ ମ୍ୟାଚ ବିଜୟ ହାସଲ କରିବାର ଏକ ଗୌରବ ଅର୍ଜନ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଆଲେକ୍ସ ଡି’ ମିନାଉର, ଡାନିଲ ମେଡଭେଡେଭ, କାସ୍ପର ରୁଡ୍, ଜୋର୍ଡାନ ଥମ୍ପସନ, ମାରିନ୍ ସିଲିକ୍, ଆଲେକ୍‌ଜାଣ୍ଡର ଶେଭଚେଙ୍କୋ ପ୍ରମୁଖ ଅନ୍ୟତମ ରହିଛନ୍ତି।

**ଅଷ୍ଟ୍ରେଲିଆନ ଓପନ ଟେନିସ**

## ସ୍ୱିଟେକ୍, ଗଫ୍, ଆନିମିସୋଭା ବିଜୟୀ

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଇଗା ସ୍ୱିଟେକ ଭଲରୂପେ ଜାଣନ୍ତି ପ୍ରଥମ ଅଷ୍ଟ୍ରେଲିଆ ଟାଇଟଲ ଏବଂ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଜିତିବାକୁ ହେଲେ ତାଙ୍କୁ ଅନେକ କିଛି କରିବାକୁ ପଡ଼ିବ। ସୋମବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ମ୍ୟାଚରେ ଦ୍ୱିତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ସ୍ୱିଟେକ୍ ୭-୬(୫), ୬-୩ ସେଟ୍‌ରେ ୧୩୦ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ କ୍ୱାଲିଫାୟର ୟୁଆନ ୟୁଇ’ଙ୍କୁ ହରାଇ ଦେଇଛନ୍ତି। ଗତବର୍ଷ ୱିମ୍ବଲଡନ ଜିତିବା ପରେ ସେ ତାଙ୍କ ୪ର୍ଥ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ୨୦୨୨ରେ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ସେ କେବଳ ୟୁଏସ୍ ଓପନ ଓ ଅଷ୍ଟ୍ରେଲିଆନ ଓପନ ଜିତିପାରି ନ ଥିଲେ। ଏହି ଦୁଇଟି ଟୁର୍ନାମେଣ୍ଟରେ ସେ ଦୁଇଥର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ବିଶ୍ୱର ୩ ନମ୍ବର କୋକୋ ଗଫ୍ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ରଡ୍ ଲାଭର ଆରେନାଠାରେ ସେ କାମିଲା ରାଖିମୋଭାଙ୍କୁ ୬-୨, ୬-୩ସେଟ୍‌ରେ ହରାଇ ଦେଇଛନ୍ତି। ସ୍ୱିଟେକଙ୍କ ଭଳି ଗଫ୍ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ମେଲବୋର୍ନ ପାର୍କରେ ସେ କିନ୍ତୁ ଥରେ ହେଲେ ସେମିଫାଇନାଲ ଅତିକ୍ରମ କରିପାରି ନାହାନ୍ତି। ସେହିପରି ଆମେରିକା ତଥା ବିଶ୍ୱର ୪ ନମ୍ବର ଖେଳାଳି ଆମାଣ୍ଡା ଆନିମିସୋଭା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସୁଇଜରଲାଣ୍ଡର ସିମୋନ ୱାଲ୍‌ଟର୍ଟଙ୍କୁ ୬-୩, ୬-୨ରେ ହରାଇ ଦେଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସରେ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିବା ଅନ୍ୟ ଖେଳାଳିମାନେ ହେଲେ ୬ ନମ୍ବର ଜେସିକା ପେଗୁଲା, ୮ ନମ୍ବର ମୀରା ଆନ୍ଦ୍ରିଭା, ୧୭ ନମ୍ବର ଭିକ୍ଟୋରିଆ ଏମ୍‌ବୋକୋ ଓ ନମ୍ବର ୨୫ ପାଉଲା ବଦୋସା।

# ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ ଉଦ୍‌ଘାଟିତ




ଅତିଥିବୃନ୍ଦ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ କରୁଛନ୍ତି।

**ସୋନପୁର,୧୯।୧(ମୃତ୍ୟୁଞ୍ଜୟ ଶତପଥୀ)** ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଟର୍ଫ ପିଚ୍‌ରେ ସମସ୍ତ ମ୍ୟାଚ୍ ଖେଳାଯାଉଛି। ଉଦ୍‌ଘାଟନୀ ମ୍ୟାଚ୍ ସୁବର୍ଣ୍ଣପୁର ଏସ୍‌ଡିସିଏ ଓ ବଲାଙ୍ଗୀର ୱାଇଏସ୍‌ସିସି ମଧ୍ୟରେ ହୋଇଥିଲା। ଏଥିରେ ୱାଇଏସ୍‌ସିସି ବଲାଙ୍ଗୀର ବିଜୟୀ ହୋଇଛି। ପ୍ରଥମ ଫର୍ମାଟ ୧୫ଓଭର ବିଶିଷ୍ଟ ଥିଲା। ମ୍ୟାଚ୍‌ରେ ସୁବର୍ଣ୍ଣପୁର ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ୍ ହରାଇ ୧୮୧ ରନ କରିଥିଲା। ଦଳ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ୩୩ ବଲରୁ ସର୍ବାଧିକ ୮୩ରନ, ଶ୍ରେଷ୍ଠ ରଥଭ ୩୦ବଲରୁ ୫୭ରନ କରିଥିଲେ। ସୁବର୍ଣ୍ଣପୁର ପକ୍ଷରୁ ଶୁଭମ ବିଷ୍ଟ ଓ କେ.ଜି.କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୁରଜ ମହାପାତ୍ରଙ୍କ ୩୩ବଲରୁ ୪୪ରନ, ଗୋବିନ୍ଦ ପାତ୍ରଙ୍କ ୧୩ବଲରୁ ୨୨ରନ ଓ ବରୁଣ ଦାସଙ୍କ ୧୬ରନ ସହାୟତାରେ ସୁବର୍ଣ୍ଣପୁର ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ରନ ସଂଗ୍ରହ କରିଥିଲା। ବଲାଙ୍ଗୀରର ପ୍ରତୀକ ରଞ୍ଜନ ୪ଟି ଓ ଡିନା ଦାସ ୨ଟି ଉଇକେଟ ନେଇଥିଲେ। ବଲାଙ୍ଗୀର ଟିମ୍ ୬୭ରନରେ ବିଜୟୀ ହୋଇଥିଲା। ୨ୟ ଫର୍ମାଟ ୬ ଓଭର ବିଶିଷ୍ଟ ହୋଇଥିଲା। ବଲାଙ୍ଗୀର ଦଳ ୫ଉଇକେଟ୍ ହରାଇ ୫୯ରନ ସଂଗ୍ରହ କରିଥିଲା। ସୁବର୍ଣ୍ଣପୁରର ଶୁଭମ ବିଷ୍ଟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ନିର୍ଦ୍ଧାରିତ ଓଭରରେ ସୁବର୍ଣ୍ଣପୁର ୩ ଉଇକେଟ ବିନିମୟରେ ମାତ୍ର ୪୭ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ବଲାଙ୍ଗୀର ୧୨ ରନରେ ବିଜୟୀ ହୋଇଥିଲା। ବଲାଙ୍ଗୀର ଦଳର ପ୍ରତୀକ ରଞ୍ଜନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ଓ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘର ସଭାପତି ରାମଶଙ୍କର ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦୀପ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ବି ସତ୍ୟନାରାୟଣ ରାଓ ଧନ୍ୟବାଦ ପ୍ରଦାନ କରିଥିଲେ। ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ସୌମ୍ୟଦର୍ଶନ ସାହୁ ଓ ରାଇସ୍ ମିଲର ଆସୋସିଏସନର ଆଶିଷ ରଞ୍ଜନ ବାବୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ବିଶ୍ୱଜିତ ପୁରୋହିତ। ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ କ୍ଷେତ୍ରବାସୀ ସାହୁ। ଅନଲାଇନ ଷ୍ଟ୍ରିମିଂ କରିଥିଲେ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ ବି ଏସ ରାଓ, ପାର୍ଥସାରଥି ଦାଶ, ସଞ୍ଜୀବ ମିଶ୍ର ଓ ବିନୋଦ ମହାକୁର।

# ଦିବ୍ୟଦର୍ଶିନୀ ଓଡ଼ିଶା ଅଧିନାୟିକା

**ବିସିସିଆଇ ସିନିୟର ମହିଳା ଦିନିକିଆ କ୍ରିକେଟ**



**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାଜକୋଟରେ ହେବାକୁଥିବା ସିନିୟର ଦିନିକିଆ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ମହିଳା କ୍ରିକେଟ ଦଳ ସୋମବାର ଘୋଷିତ ହୋଇଛି। ଓଡ଼ିଶା ମହିଳା ସିନିୟର ଚୟନ କମିଟି ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଘୋଷଣା କରିଥିବା ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ରାଜକୋଟସ୍ଥିତ ସାନୋସାରା କ୍ରିକେଟ ଗ୍ରାଉଣ୍ଡ(ବି)ରେ ଫେବ୍ରୁଆରୀ ୬ରେ ମଧ୍ୟ ପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏଲିଟ ଗ୍ରୁପ୍ ‘ଏ’ରେ ସ୍ଥାନ ପାଇଥିବା ଓଡ଼ିଶା ଏହାପରେ ଫେବ୍ରୁଆରୀ ୮ରେ ଆସାମ, ୧୦ରେ ଉତ୍ତର ପ୍ରଦେଶ, ୧୨ରେ କର୍ଣ୍ଣାଟକ, ୧୪ରେ ପଣ୍ଡିଚେରୀ, ୧୬ରେ ବରୋଦା ଓ ୧୮ରେ ମହାରାଷ୍ଟ୍ର ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟିକା), ଅଞ୍ଜଲି ସିଂ, ଇନ୍ଦ୍ରାଣି ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହେଟା, ମୋନାଲିସା ରାଉତ, ରାମେଶ୍ୱରୀ ନାୟକ, ରାଣୀ ଗୁପ୍ତ, ରଶ୍ମିତା ତିନାର, ରାମାଲକ୍ଷ୍ମୀ ଏକ୍କା, ଏସ୍.ବି. ଲରେନ୍ସ, ସଙ୍ଗୀତା ଖାଡ଼ିଆ, ସରିତା ମେହେର, ଶିଖା ସ୍ୱାଇଁ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରଲା ପ୍ରଧାନ, ନିବେଦିତା ଜନ୍ ନାୟକ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ)।

# ପଞ୍ଜାବ ପାଇଁ ରଣ୍‌ଜୀ ଖେଳିବେ ଗିଲ୍

**ନୂଆଦିଲ୍ଲୀ,୧୯।୧:** ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁଭମନ ଗିଲ୍ କ୍ରିକେଟରୁ ବ୍ରେକ୍ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ଖେଳାଯିବାକୁ ଥିବା ଗ୍ରୁପ୍-ବି’ ମ୍ୟାଚରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟର ନକ୍‌ଆଉଟ୍‌ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି। ସେ ବର୍ତ୍ତମାନ ଇନ୍ଦୋରରେ ଥିବାବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳ ସୂତ୍ରରୁ କୁହାଯାଉଛି। ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି’ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା’ର ବଳକା ୩ ମ୍ୟାଚରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

# ମାଡ୍ରିଡ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଆୟୋଜକ

**ମାଡ୍ରିଡ୍, ୧୯।୧ (ପି.ଟି.)** ମାଡ୍ରିଡ କ୍ରମାଗତ ତୃତୀୟ ବର୍ଷ ପାଇଁ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡର ଆୟୋଜକ ହେବାକୁ ଯାଉଛି। ସୋମବାର ଏହା ଘୋଷଣା କରାଯାଇଛି। ଗତବର୍ଷ ଭଳି ଏହି ପୁରସ୍କାର ଉତ୍ସବ ଏପ୍ରିଲ ୨୦ରେ ସିବେଲେସ୍ ପ୍ୟାଲେସଠାରେ ହେବ। ପୁରସ୍କାରର ୨୦୨୬ ସଂସ୍କରଣ ପୁଣି ଥରେ ବିଶ୍ୱର କ୍ରୀଡ଼ା ସମ୍ପ୍ରଦାୟଙ୍କ ସମେତ ମନୋରଞ୍ଜନ, ସଂସ୍କୃତି ଓ ଫ୍ୟାଶନର ଜଣାଶୁଣା ବ୍ୟକ୍ତିତ୍ୱ ମାନଙ୍କୁ ଏକତ୍ରିତ କରିବ। ପ୍ରତ୍ୟେକ ୭ଟି ପ୍ରମୁଖ କାଟେଗୋରୀରେ ଜଣେ ଲେଖାଏ ବିଜେତାଙ୍କୁ ଆଇକନିକ ଲୌରିଅସ୍ ପ୍ରତିମୂର୍ତ୍ତି ସହ ପୁରସ୍କୃତ କରାଯିବ।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ ; ପୂଜ୍ୟମ୍, ନୁରୁଲଙ୍କୁ ବ୍ରୋଞ୍ଜ



ପଦକ ସହ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

**ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)** କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ

**ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶାର ପ୍ରମୋଦ ଭଗତ, ପୂଜ୍ୟମ ମିଶ୍ର ଓ ନୁରୁଲ ହୋସେନ ଖାଁ ପଦକ ହାସଲ କରିଛନ୍ତି। ପ୍ରମୋଦ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ୧୯-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରିଛନ୍ତି। ସେହିପରି ଏସ୍‌ଏଲ୍-ଏସ୍‌ଏଲ୍୪ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଉମେଶ ବିକ୍ରମ ଓ ସୂର୍ଯ୍ୟକାନ୍ତ ଯାଦବ ଓହରି ଯାଇଥିଲେ। ଫଳରେ ୱାକ୍‌ଓଭର ପାଇ ପ୍ରମୋଦ-ସୁକାନ୍ତ ଯୋଡ଼ି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ସେହିପରି ଏସ୍‌ଏଲ୍-ଏସ୍‌ଏଲ୍-୪ ପୁରୁଷ ଡବଲ୍ସରେ ମନ୍ଥୁ କୁମାରଙ୍କ ସାଥୀରେ ଓଡ଼ିଶାର ପୂଜ୍ୟମ୍ ମିଶ୍ର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ଏହି ଯୋଡ଼ି ଅନ୍ୟତମ ଭାରତୀୟ ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କଠାରୁ ୧୮-୨୧, ୧୫-୨୧ରେ ହାରି ଯାଇଛନ୍ତି। ଡବ୍ଲ୍ୟୁଏଚ୍-୨ ପୁରୁଷ ସିଙ୍ଗଲ୍ସ ବର୍ଗରେ ନୁରୁଲ ହୋସେନ ଖାଁ ବ୍ରୋଞ୍ଜ ଜିତିଛନ୍ତି। ସେମିଫାଇନାଲରେ ସେ ଇରାକର ମହମ୍ମଦ କରିମ ଅବୋଦ ଆଲାମିରଙ୍କଠାରୁ ୬-୨୧, ୯-୨୧ରେ ହାରିଛନ୍ତି।

# ଭାରତରେ ଖେଳ ନଚେତ ବାଦ୍

**ବାଂଲାଦେଶ ଆଗରେ ସର୍ତ୍ତ ରଖିଲା ଆଇସିସି**

**ବେଙ୍ଗାଲୁରୁ,୧୯।୧:** ଆସନ୍ତା ଫେବ୍ରୁଆରୀରେ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତା ଜାରି ରହିଛି। ଏହି ଅନିଶ୍ଚିତତାର ଅନ୍ତ ଘଟାଇବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଆଗରେ ଏକ ସର୍ତ୍ତ ରଖାଯାଇଛି। କିଛି ଗଣମାଧ୍ୟମ ରିପୋର୍ଟ ମୁତାବକ, ଆଇସିସି ପକ୍ଷରୁ ବାଂଲାଦେଶକୁ କୁହାଯାଇଛି ଯେ, ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇଯାଆ ନ ହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବାକୁ ପ୍ରସ୍ତୁତ ରୁହ। ଏଥିସହିତ ଆସନ୍ତା ବୁଧବାର ସୁଦ୍ଧା ସ୍ପଷ୍ଟ କରିବାକୁ ବିସିବିକୁ କୁହାଯାଇଛି। ଯଦି ବାଂଲାଦେଶ ଭାଗ ନ ନେବାକୁ ନିଷ୍ପତ୍ତି ନିଏ, ତେବେ ସ୍କଟଲାଣ୍ଡ ବଦଳ ଦଳ ଭାବେ ବିଶ୍ୱକପ୍‌ରେ ସାମିଲ କରାଯିବ। ସମସ୍ୟାର ସମାଧାନ ଲାଗି ଢାକାଠାରେ ରବିବାର ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ସମାଧାନର ବାଟ ମିଳି ନ ଥିଲା। ଆଲୋଚନା ବେଳେ ବାଂଲାଦେଶର ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ପାଇଁ ବିସିବି ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଆଇସିସି ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିଲା।

## ରିପୋର୍ଟକୁ ବିସିବିର ଖଣ୍ଡନ

ଆଇସିସି ପକ୍ଷରୁ ବାଂଲାଦେଶକୁ ଆସନ୍ତା ୨୧ ତାରିଖ ମଧ୍ୟରେ ଭାରତରେ ଖେଳିବ କି ନାହିଁ ସ୍ପଷ୍ଟ କରିବାକୁ ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଖଣ୍ଡନ କରିଛି। ସେଭଳି କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ ଏବଂ ପୁଣି ଥରେ ଭେନ୍ୟୁ ସ୍ଥାନାନ୍ତର ଲାଗି ବୋର୍ଡ ପକ୍ଷରୁ କୁହାଯାଇଛି। ବିସିବି ନିର୍ଦ୍ଦେଶକ ଅମଜଦ ହୋସେନ ପ୍ରକାଶ କରିଛନ୍ତି ଯେ, ଗତ ଶନିବାର ଜଣେ ଆଇସିସି ପ୍ରତିନିଧି ଆସିଥିଲେ। ଆମ ବୋର୍ଡରେ ଅଧିକାରୀଙ୍କ ସହ ତାଙ୍କର ବୈଠକ ହୋଇଥିଲା। ଆମେ ସେମାନଙ୍କୁ ବିକଳ୍ପ ଭେନ୍ୟୁ ଲାଗି ଅନୁରୋଧ କରିଥିଲୁ। ଆଇସିସି ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ସେହି ସମୟରେ ସେମାନେ କହିଥିଲେ ଯେ, ଆଇସିସିକୁ ଏ ବିଷୟରେ ଜଣାଇବେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ